

ମାଘ ତିଳସପ୍ତମୀ ତିଥିରେ ବୁଡ଼ ପାଇଁ ଗୋପାଳପୁର ବେଳାଭୂମିରେ ଶ୍ରଦ୍ଧାଳୁଙ୍କ ଭିଡ଼

## ବିରଞ୍ଚି ନାରାୟଣଙ୍କ ରଥଯାତ୍ରା



**ବୁଗୁଡ଼ା,୧୬ ।୨(ସମିସ):** ସ୍ଥାନୀୟ ବିରଞ୍ଚି ନାରାୟଣ ମନ୍ଦିରରେ ତିଳ ସପ୍ତମୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ପ୍ରତ୍ୟୁଷରୁ ମଙ୍ଗଳ ଆଳତି ଏବଂ ଅବକାଶ ନୀତି ପରେ ଠାକୁରଙ୍କ ସ୍ୱତନ୍ତ୍ର ବେଶ ଅନୁଷ୍ଠିତ ହୋଇଥିଲା । ମନ୍ଦିର ପୁରୋହିତ ଚିତ୍ତ ରଞ୍ଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଚିନ୍ମୟ ଦାଶ, ବୈଷ୍ଣବ ଚରଣ ଦାଶ, ଶ୍ରୀକାନ୍ତ ମିଶ୍ର ଓ ସୁବାସ ଦାଶ ପ୍ରମୁଖ ରଥ ପ୍ରତିଷ୍ଠା ସହ ହୋମ କାର୍ଯ୍ୟ ସମ୍ପାଦନ କରିଥିଲେ । ସୌରଖଣ୍ଡ ବିଧି ଅନୁସାରେ ଏହି ପ୍ରତିଷ୍ଠା ସହ ହୋମ କାର୍ଯ୍ୟ ହୋଇଥିଲା । କର୍ତ୍ତା ରୂପେ ମଠାଧୀଶ ଭକ୍ତରାମ ଦାସ ଯୋଗ ଦେଇଥିଲେ । ସନ୍ଧ୍ୟା ଆଳତି ପରେ ମନ୍ଦିର ପରିସରରେ ଥିବା ଶ୍ରୀ ବିରଞ୍ଚି ନାରାୟଣଙ୍କ ଚଳନ୍ତି ବିଗ୍ରହକୁ ରଥରେ ବିଜେ କରାଯାଇଥିଲା । ଘଣ୍ଟ ଓ ମୃଦଙ୍ଗ ସାଙ୍ଗକୁ ଆତସବାଜିର ଧ୍ୱନିରେ ବଡ଼ଦାଣ୍ଡ ପ୍ରକମ୍ପିତ ହୋଇଥିଲା । ସେଠାରେ ଶ୍ରୀ ବିଗ୍ରହକୁ ଭୋଗ ଓ ଆଳତି ଅର୍ପଣ କରାଯିବା ପରେ ପୁଣି ସ୍ୱସ୍ଥାନକୁ ଅଣାଯାଇଥିଲା । ପୂଜକ ଉମାକାନ୍ତ ଦାଶ ଓ ବଳରାମ ପାଢ଼ୀ ସହଯୋଗ କରିଥିଲେ ।

## ଜେଜେଙ୍କ ଶୁଦ୍ଧିକ୍ରିୟା ଦିନ ନାତୁଣୀ ମୃତ

**ବେଲଗୁଣ୍ଠା,୧୬ ।୨(ସମିସ):** ବେଲଗୁଣ୍ଠା ବ୍ଲକ ଜିଲିବା ଗ୍ରାମରେ ଜେଜେ ବାପାର ଶୁଦ୍ଧିକ୍ରିୟା ଦିନ ନାତୁଣି ନିଖୋଜ ହୋଇଯିବା ଏବଂ ଶୁକ୍ରବାର ତାର ଶବ ଗାଁ ପୋଖରୀରୁ ମିଳିବା ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି । ସୂଚନା ପ୍ରକାରେ ଗୁରୁବାର ଜିଲିବା ଗ୍ରାମର ଶଙ୍କର ନାରାୟଣ ପ୍ରଧାନଙ୍କ ବାପାଙ୍କର ଶୁଦ୍ଧିକ୍ରିୟା ଥିଲା । ଏହି ଶୁଦ୍ଧିକ୍ରିୟାରେ ଯୋଗ ଦେବାପାଇଁ ବୁଗୁଡ଼ା ଥାନା ଅନ୍ତର୍ଗତ ତାମ୍ବିରି ଗ୍ରାମରୁ ଶଙ୍କରଙ୍କ ଶଶୁର ଖଲି ପ୍ରଧାନ ଆସିଥିଲେ । ସନ୍ଧ୍ୟା ୫ଟା ପରେ ଖଲି ଶୌଚ ହେବା ପାଇଁ ଗ୍ରାମର ଖୁଣ୍ଟ ଆଗୁଳକୁ ଶଙ୍କର ନାରୟଣଙ୍କ ଝିଅ ଆଦ୍ୟାଶା ପ୍ରଧାନ ଓରଫ୍ ରାଣୀ(୬) କୁ ଧରି ଯାଇଥିଲେ । ରାଣୀକୁ ଆଗୁଳ ପାହାଚ ଉପରେ ବସାଇ ଖଲି ଶୌଚପାଇଁ ଯାଇଥିଲେ । ସେଠାରୁ ଫେରି ସେ ପାହାଚ ଉପରେ ନାତୁଣି ରାଣୀକୁ ନପାଇ ସେ ଘରକୁ ଚାଲିଯାଇଥିବ ଭାବି ଘରକୁ ଫେରିଆସିଥିଲେ । କିନ୍ତୁ ଘରେ ଆଦ୍ୟାଶା ନଥିବା ଜାଣିବା ପରେ ପରିବାର ଲୋକେ ରାତିସାରା ଖୋଜାଖୋଜି କରିଥିଲେ ମଧ ପାଇ ନଥିଲେ ଓ ଏନେଇ ବେଲଗୁଣ୍ଠା ଥାନାରେ ଜଣାଇବା ପରେ ବେଲଗୁଣ୍ଠା ଥାନା ଅଧିକାରୀ ଦାୟିତ୍ୱରେ ଥିବା ଏସ୍ଆଇ ଅଭୟ କୁମାର ପ୍ରଧାନ ଘଟଣାସ୍ଥଳକୁ ଯାଇ ଯାଞ୍ଚ କରି ଆସିଥିଲେ । ତେବେ ଶୁକ୍ରବାର ସକାଳେ ପୋଖରୀ ଭିତରୁ ଆଦ୍ୟାଶାଙ୍କ ଶବ ଠାବ କରାଯାଇଥିଲା । ଏନେଇ ବେଲଗୁଣ୍ଠା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ପୁଲିସ୍ ଘଟଣାର ତଦନ୍ତ କରୁଛି । ଆଦ୍ୟାଶାର ଏଭଳି ଅକାଳ ମୃତ୍ୟୁରେ ପରିବାର ଲୋକ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିବା ସହିତ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

**ଗଞ୍ଜେଇ ଚାଲାଣ ମାମଲା**

# ଦୁଇ ଅଭିଯୁକ୍ତଙ୍କୁ ୧୦ ବର୍ଷ ଲେଖାଏଁ କାରାଦଣ୍ଡ

**ବ୍ରହ୍ମପୁର,୧୬ ।୨(ସମିସ)**

ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ପ୍ରଥମ) ଡ. ଇନ୍ଦୁ ଶର୍ମା ଶୁକ୍ରବାର ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାର ଚୂଡାନ୍ତ ରାୟ ପ୍ରକାଶ କରି ଉପଯୁକ୍ତ ପ୍ରମାଣ ଥିବା ଦର୍ଶାଇ ୨ଜଣ ଅଭିଯୁକ୍ତଙ୍କୁ ୧୦ବର୍ଷ ଲେଖାଏଁ ଜେଲ ଦଣ୍ଡାଦେଶ ଦେଇଛନ୍ତି । ଏଥି ସହିତ ୧ଲକ୍ଷ ଟଙ୍କା ଲେଖାଏଁ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦେୟ ହେଲେ ଅଧିକ ଆଉ ୧ବର୍ଷ କାରାଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ ରହିଛି । ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତମାନେ ହେଲେ ବିହାରର ଅରବିନ୍ଦ କୁମାର (୨୪) ଓ ନିତିଶ କୁମାର (୨୫) । ସୂଚନାଯୋଗ୍ୟ ଯେ, ୨୦୨୧ ଅଗଷ୍ଟ ୩୧ତାରିଖରେ ମହୁରୀ କାଳୁଆ ଛକରେ ଅବକାରୀ ଏସଆଇ ବିଶ୍ୱଜିତ ଦାଶ ଓ ତାଙ୍କ ଟିମ ପେଟ୍ରୋଲିଂ କରିବା ସହ ଯାନବାହନ ଯାଞ୍ଚ କରୁଥିଲେ । ଏହି ସମୟରେ ବ୍ରହ୍ମପୁର ଅଭିମୁଖେ ଆସୁଥିବା ଏକ ଟ୍ରକକୁ ଅଟକାଇ ଅବକାରୀ ଟିମ ଯାଞ୍ଚ କରିଥିଲା । ଯାଞ୍ଚ ବେଳେ ଟ୍ରକ ଭିତରେ ୩୮୫ କିଲୋଗ୍ରାମ ଗଞ୍ଜେଇ ଭର୍ତ୍ତି ହୋଇଥିବା ଜଣାପଡିଥିଲା । ଅବକାରୀ ବିଭାଗ ଉପରୋକ୍ତ ୨ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଅବକାରୀ ଏସଆଇ ବିଶ୍ୱଜିତ ଦାଶ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ । ମାମଲାର ବିଚାରଣା ବେଳେ ୩ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ରାୟ ପ୍ରକାଶ ବେଳେ ଗିରଫ ପରଠାରୁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଥିବା ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା । ସାକ୍ଷୀମାନଙ୍କ ବୟାନକୁ ଭିତ୍ତିକରି ଉପଯୁକ୍ତ ପ୍ରମାଣ ଆଧାରରେ ବିଚାରପତି ଉକ୍ତ ରାୟ ପ୍ରକାଶ କରିଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନରେଶ ପ୍ରସାଦ ପାତ୍ର ମକଦ୍ଦମା ପରିଚାଳନା କରିଥିଲେ ।

## ଗଞ୍ଜେଇ ଜବତ; ଜଣେ ଗିରଫ

**ଫିରିଙ୍ଗିଆ:** କନ୍ଧମାଳ ଜିଲ୍ଲା ଗୋଛାପଡା ପୁଲିସ ଚଢ଼ଉ କରି ଆଠ କୁଇଣ୍ଟାଲ ଗଞ୍ଜେଇ ଜବତ କରିବାରେ ସଫଳ ହୋଇଛି । କଟ୍ରିଙ୍ଗିଆ ପଞ୍ଚାୟତ ପାଲଟି ଗାଁ ନିକଟରେ ଥିବା ପାହାଡ଼ିଆ ଜଙ୍ଗଲରେ କିଛି ମାଫିଆ ଗଞ୍ଜେଇ ଚାଲାଣ ପାଇଁ ପ୍ରସ୍ତୁତି ଚଳାଇଥିବା ପୁଲିସକୁ ସୂଚନା ମିଳିଥିଲା । ଥାନା ଅଧିକାରୀ ପ୍ରଭାତ କୁମାର ବେହେରାଙ୍କ ନେତୃତ୍ୱରେ ଏକ ଟିମ ଉକ୍ତ ଜଙ୍ଗଲରେ ଅତର୍କିତ ଚଢ଼ଉ କରିଥିଲା । ପୁଲିସର ଚଢ଼ଉ ସମ୍ପର୍କରେ ଆଗୁଆ ସୂଚନା ପାଇ ଘଟଣା ସ୍ଥଳରୁ ମାଫିଆ ଫେରାର ହୋଇଯାଇଥିଲେ । କିନ୍ତୁ ପୁଲିସ ପ୍ରାୟ ୩୨ ବସ୍ତାରେ ରଖାଯାଇଥିବା ଆଠ କୁଇଣ୍ଟାଲ ଗଞ୍ଜେଇ ଜବତ କରିଥିଲା ।

ସେହିପରି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଅଞ୍ଚଳରେ ଦୀର୍ଘ ଦିନ ହେବ ଗଞ୍ଜେଇ କଟା ଅଭିଯାନ ଜୋରସୋର ଚାଲିଛି । ଗଞ୍ଜେଇ ଚାଲାଣକାରୀ ସକ୍ରିୟ ହୋଇ ବିଭିନ୍ନ ମାଧ୍ୟମ ଦେଇ ଗଞ୍ଜେଇ ଚାଲାଣ କରୁଛନ୍ତି । ଏଭଳି ଭାବେ ଏକ ଅଟୋରେ ଗଞ୍ଜେଇ ଚୋରାଚାଲାଣ କରାଯାଉଥିବା ବେଳେ ପୁଲିସ ଜଣକୁ ଗିରଫ କରିବା ସହ ୧୫ କେଜି ଗଞ୍ଜେଇ ଜବତ କରିଛି । ବନ୍ଧଗଡ଼ ପଞ୍ଚାୟତ ବାଲକିଡାଡି ଅଞ୍ଚଳରୁ ଜୋକେ ଛକ ଦେଇ ଗୁଟିଙ୍ଗିଆ ଆଡକୁ ଏକ ଅଟୋରେ ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ପାଇଥିଲା ପୁଲିସ । ଜୋକେ ଛକ ନିକଟରେ ବନ୍ଧଗଡ଼ ପଟୁ ଗୁଟିଙ୍ଗିଆ ଆଡକୁ ଯାଉଥିବା ଅଟୋକୁ ପୁଲିସ ଅଟକାଇଥିଲା । ଅଟୋଚାଳକ ଡେଇଁ ପଳାଇବାକୁ ଚେଷ୍ଟା କରିଥିଲା । ପୁଲିସ ଟିମ୍ ଅଟୋ ଡ୍ରାଇଭରକୁ ଗୋଡ଼ାଇ ଧରିଥିଲା । ଅଟୋକୁ ଯାଞ୍ଚ କରାଯିବା ପରେ ସେଥିରୁ ୧୫ କେଜି ଗଞ୍ଜେଇ ଚାଲାଣ ହେଉଥିବା ଜଣାପଡ଼ିଥିଲା । ଅଟୋ ଚାଳକ ଜଣକ ଫିରିଙ୍ଗିଆ ଥାନା ବନ୍ଧଗଡ଼ ଗାଁର ଦିନେଶ ଦେହୁରୀ(୨୮) । ପୁଲିସ ଏକ ମାମଲା ରୁଜୁ କରିବା ତାକୁ କୋର୍ଟ ଚାଲାଣ କରିଛି ।

# ବିଭିନ୍ନ ସ୍ଥାନରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନର ଧର୍ମଘଟ

**ରମ୍ଭା,୧୬ ।୨(ସମିସ)**

ସଂଯୁକ୍ତ କିଷାନ ମୋର୍ଚ୍ଚା, କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ମିଳିତ ମଞ୍ଚର ଆହ୍ୱାନ କ୍ରମେ କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ଶୁକ୍ରବାର ଦେଶବ୍ୟାପୀ ଧର୍ମଘଟ ହୋଇଥିଲା । ଏହି କ୍ରମରେ ରମ୍ଭାରେ ମଧ୍ୟ ଧର୍ମଘଟ ହୋଇଥିଲା । ବିକ୍ଷୋଭକାରୀମାନେ ସହର ପରିକ୍ରମା କରି ଜାତୀୟ ଷ୍ଟେଟ ବ୍ୟାଙ୍କ ଓ ୟୁନିଅନ ବ୍ୟାଙ୍କ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏଥିରେ ସଂଯୁକ୍ତ କିଷାନ ମୋର୍ଚ୍ଚା, କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ ପକ୍ଷରୁ ବରିଷ୍ଠ କୃଷକ ନେତା ପି. ହରିକୃଷ୍ଣ ରେଡ୍ଡୀ, ରାଜ୍ୟ ପରିଷଦ ସବୁ ସଭ୍ୟ ବିପ୍ର ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସୁଜ୍ଞାନୀ ପଟ୍ଟନାୟକ, ଚକ୍ରଧର ବେହେରା, ପଦ୍ମଚରଣ ନାୟକ, ବି.ଦଣ୍ଡପାଣି ପାତ୍ର, ୱାର୍ଡ ନଂ ୧୨ କ୍ଷେତ୍ର ମୋହନବେହେରା, ୱାର୍ଡ ନଂ ୧୩ ଜ୍ୟୋତ୍ସ୍ନାରାଣୀ ବେହେରା, ଅରକ୍ଷିତ ନାୟକ, ଜେ. ଲୋକନାଥ ପାତ୍ର, ରଜନୀକାନ୍ତ ବେହେରା, ଜେ. ଭାସ୍କର ପାତ୍ର, ବେଣୁପାଣି ବେହେରା, ଏସ. ଲକ୍ଷ୍ମୀପାତ୍ର, ପଦ୍ମ ପ୍ରଧାନ, କୃଷ୍ଣଚନ୍ଦ୍ର ଗୌଡ଼, ପୂର୍ଣ୍ଣଚନ୍ଦ୍ର ରଥ, ପଦ୍ମଚରଣ ପ୍ରଧାନ, ନାରାୟଣ ନାୟକ, ମାଧବ ରାଓ, ପ୍ରଭାକର ବେହେରା, ନର୍ମଦା ପାତ୍ର, ରଘୁନାଥ ବେହେରା, ଗଦାଧର ରେଡ୍ଡୀ, ଉଲ୍ଲାସ ଜେନା, ଫକୀର ବେହେରା, ଘନଶ୍ୟାମ ନାହାକ, ରାମଚନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇଥିଲେ ।

**ଭଞ୍ଜନଗର:** ୧୬ ଫେବୃଆରୀ ଦେଶବ୍ୟାପୀ ହରତାଳ ଓ ଗ୍ରାମୀଣ ଭାରତ ବନ୍ଦକୁ ସଫଳ କରିବା ପାଇଁ ଅଖିଳ ଭାରତ କ୍ରାନ୍ତିକାରୀ କୃଷକ ସଭା, ଆଦିବାସୀ ଭାରତ ମହାସଭା, ଅଖିଳ ଭାରତ କୃଷକ ସଭା ନେତୃତ୍ୱରେ ତାରସିଂ ଗ୍ରାମ ପଞ୍ଚାୟତଠାରୁ ଶ୍ରମିକ, କୃଷକ ଓ ଆଦିବାସୀମାନଙ୍କ ଶୋଭାଯାତ୍ରା ବାହାରି ରୁଢାପଦର ପଞ୍ଚାୟତ ପର୍ଯ୍ୟନ୍ତ ଯାଇଥିଲା । ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହେବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଜଗନ୍ନାଥପ୍ରସାଦ ବ୍ଲକର ଉପାନ୍ତ ତାରସିଂ ଅଞ୍ଚଳର କୋକଳବା, ଗାୟାଗଣ୍ଡା, ରୁଢ଼ାପଦର, ତାରସିଂ ଗ୍ରାମ ପଞ୍ଚାୟତ ଅଞ୍ଚଳର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଏହି ଦାବିପତ୍ରରେ ଉଲ୍ଲେଖ ରହିଛି । କ୍ରାନ୍ତିକାରୀ କୃଷକ ସଭାର ରାଜ୍ୟ ସମ୍ପାଦକ ତଥା ସଂଯୁକ୍ତ କୃଷକ ମୋର୍ଚ୍ଚା ଓଡ଼ିଶାର ଆବାହକ ମଣ୍ଡଳୀ ସଦସ୍ୟ ଜଗନ୍ନାଥପ୍ରସାଦ ବ୍ଲକ ଉପାନ୍ତ ଅଞ୍ଚଳର ଚାଷୀକୁଳ, ଶ୍ରମିକ ଏବଂ ସାଧାରଣ ଜନଗଣଙ୍କ ଦୟନୀୟ ଅବସ୍ଥା ସହ ତାରସିଂ, କୋକଳବା, ଗାୟାଗଣ୍ଡା, ରୁଢ଼ାପଦର ପଞ୍ଚାୟତର ଆଦିବାସୀ ଓ ଦଳିତ, ଭୂମିହୀନ, ଚାଷୀ ଓ ଭାଗଚାଷୀଙ୍କ ସମସ୍ୟା ସମାଧାନ କରିବାରେ ବିଫଳ ହେବା ଅତ୍ୟନ୍ତ ନିନ୍ଦନୀୟ । କୃଷିର କର୍ପୋରେଟକରଣ ବିରୋଧରେ ହେଉଥିବା କୃଷକ ଆନ୍ଦୋଳନକୁ କେନ୍ଦ୍ର ସରକାରଙ୍କ ଦମନ ନୀତିକୁ ଦୃଢ଼ ନିନ୍ଦା କରିବା ସହ ସ୍ୱାମୀନାଥନ ଆୟୋଗଙ୍କ ସୁପାରିଶ ଅନୁଯାୟୀ କୃଷିଜାତ ସମସ୍ତ ଫସଲର ସର୍ବନିମ୍ନ ସହାୟକ ଦର ଘୋଷଣା, ସର୍ବନିମ୍ନ ସହାୟକ ଦରକୁ ଆଇନଗତ ମାନ୍ୟତା, କେନ୍ଦ୍ର ସରକାରଙ୍କ ସମସ୍ତ ଜନବିରୋଧ ନୀତି ପ୍ରତ୍ୟାହାର, ଚାଷୀ, ଭାଗଚାଷୀଙ୍କୁ ଚାଷୀର ମାନ୍ୟତା ଆଦି ପ୍ରସଙ୍ଗ ଉପରେ ଉପସ୍ଥିତ ନେତୃବୃନ୍ଦ ବକ୍ତବ୍ୟ ରଖିଥିଲେ । ଏହି ଶୋଭାଯାତ୍ରା ଓ ହରତାଳରେ କ୍ରାନ୍ତିକାରୀ କୃଷକ ସଭା ଶଙ୍କର ଇନକିଲାବ, ଅଖିଳ ଭାରତ କୃଷକ ସଭାର ବିପ୍ରଚରଣ ନାୟକ, ସୁରେନ୍ଦ୍ର ନାଥ ପଟ୍ଟନାୟକ, ଆଦିବାସୀ ଭାରତ ମହାସଭାର ଟୁନା ମଲ୍ଲିକ, ଓଡ଼ିଶା ନିର୍ମାଣ ଶ୍ରମିକ ୟୁନିଅନର ମିଟୁ ପ୍ରଧାନ, ପ୍ରକାଶ ବାରିକ, ସୁକାନ୍ତି ଜାନି, ମଞ୍ଜୁଲତା ଜାନି, ଅଞ୍ଜନା ଜାନି, ସନାତନ ଜାନି, ମାନସ ଖିଲାର, ଅରକ୍ଷିତ ଜାନି ଆଦି ସାମିଲ ହୋଇଥିଲେ ।

**ଛେଳିଗଡ଼:** କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ଓ କୃଷକ ବିରୋଧୀ ନୀତି ବିରୋଧରେ ସଂଯୁକ୍ତ କିଶାନ ମୋର୍ଚ୍ଚା ଓ କେନ୍ଦ୍ରୀୟ ଟ୍ରେଡ଼ ୟୁନିଅନ ତରଫରୁ ଭାରତ ବନ୍ଦ ଡାକରା ଦିଆଯାଇଥିଲା । ଏହାର ପ୍ରଭାବରେ ରା. ଉଦୟଗିରି ବ୍ଲକ ସମେତ ରାମଗିରି ଗ୍ରାମର ସମସ୍ତ ଦୋକାନ ବଜାର ସକାଳ ୬ଟାରୁ ୧୨ଟା ପର୍ଯ୍ୟନ୍ତ ବନ୍ଦ ରହିଥିଲା । ଓଡ଼ିଶା ଦଳିତ ଶୋଷଣ ମୁକ୍ତି ମଞ୍ଚ ଜିଲ୍ଲା ସମ୍ପାଦକ ମାନସ କୁମାର ଜେନାଙ୍କ ନେତୃତ୍ୱରେ ରାମଗିରିସ୍ଥିତ ଗାନ୍ଧୀ ଛକରେ କେନ୍ଦ୍ର ସରକାରଙ୍କ ବିରୋଧରେ ବିଭିନ୍ନ ନାରାବାଜି ସହ ପ୍ରତିବାଦ କରାଯାଇଥିଲା ।

## ଗ୍ରାମ୍ୟ କୃଷି କର୍ମଚାରୀଙ୍କ ଧାରଣା

**ଫୁଲବାଣୀ,୧୬।୨(ସମିସ):** ବିଭିନ୍ନ ଦାବି ନେଇ କନ୍ଧମାଳ ଜିଲ୍ଲା ଗ୍ରାମ୍ୟ କୃଷି କର୍ମଚାରୀ ସଂଘ କୃଷି କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି । କ୍ୟାଡର ପୁନର୍ଗଠନ ଏବଂ ଗ୍ରେଡ୍ ପେ ସହିତ ଅନ୍ୟାନ୍ୟ ଦାବିରେ ଗ୍ରାମ୍ୟ କୃଷି କର୍ମଚାରୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି । କର୍ତ୍ତୃପକ୍ଷଙ୍କ ନିକଟରେ ଏ ସମ୍ପର୍କରେ ବର୍ଷେ ହେବ ଦାବି କରୁଥିଲେ ମଧ କେହି କର୍ଣ୍ଣପାତ କରୁ ନ ଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି । ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଜିଲ୍ଲାସ୍ତରୀୟ ଆନ୍ଦୋଳନ ଚାଲିବ ବୋଲି ସଘଂ ସଭାପତି ଦୀପକ କୁମାର ନାୟକ କହିଛନ୍ତି । ଦାବି ପୂରଣ ନ ହେଲେ ଆସନ୍ତା ୨୦ ତାରିଖରେ ରାଜ୍ୟ କୃଷି ଭବନ ସମ୍ମୁଖରେ ଆନ୍ଦୋଳନ କରାଯିବାକୁ ଚେତାବନୀ ଦିଆଯାଇଛି । ଅଭିଯୋଗ ଅନୁଯାୟୀ, ଓଡ଼ିଶା ଗ୍ରାମ୍ୟ କୃଷି କର୍ମଚାରୀ ୫୦ ବର୍ଷରୁ ଅଧିକ ସମୟ ଧରି କୃଷି ବିଭାଗର ମେରୁଦଣ୍ଡ ଭାବରେ କାର୍ଯ୍ୟ କରୁଛନ୍ତି । କିନ୍ତୁ କର୍ତ୍ତୃପକ୍ଷ ସେମାନଙ୍କୁ ଅବହେଳା କରୁଥିବା କହିଛନ୍ତି କର୍ମଚାରୀ । ସେମାନଙ୍କର ଦାବି ମଧ୍ୟରେ କ୍ୟାଡର ପୁନର୍ଗଠନ ଏବଂ ଗ୍ରେଡ ପେ ବୃଦ୍ଧି ସହିତ ସମୁଦାୟ ୬ଟି ଦାବି ରହିଛି ।



**ପୁଲିସ ଓ ଅବକାରୀ ବିଭାଗର ମିଳିତ ଚଢ଼ଉ**

# ପୁଣି କଟାଗଲା ୧.୮ କୋଟି ଟଙ୍କାର ଗଞ୍ଜେଇ ଗଛ

**ଫିରିଙ୍ଗିଆ, ୧୬।୨(ସମିସ)**



କନ୍ଧମାଳ ଏସ୍‌ପି ଶୁଭେନ୍ଦୁ ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ବେଆଇନ ଭାବରେ ଚାଷ କରାଯାଇଥିବା ଗଞ୍ଜେଇ ଗଛ କାଟି ନଷ୍ଟ କରାଯିବା ଅଭିଯାନ ଜାରି ରହିଛି। ଦୁଇମାସ ହେଲା ଫିରିଙ୍ଗିଆ ଥାନା ପକ୍ଷରୁ ଅଭିଯାନ ଚାଲୁ ରହିଥିବା ବେଳେ ଏକର ଏକର ଜମିରେ ଚାଷ କରାଯାଇଥିବା କୋଟି କୋଟି ଟଙ୍କା ମୂଲ୍ୟର ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ହେଲେ ଯେତେ କାଟିଲେ ବି ଗଞ୍ଜେଇ କଟା ସରୁ ନ ଥିବାରୁ ତାହା ପୁଲିସ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି। ଗୁରୁବାର ଫିରିଙ୍ଗିଆ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ ଅବକାରୀ ବିଭାଗର କର୍ମଚାରୀଙ୍କ ସହାୟତାରେ ଚଢ଼ଉ କରି ପୁଣି ଅଠର ଏକର ପରିମିତ ଜଙ୍ଗଲ ଜମିରେ ବେଆଇନ ଭାବରେ ଚାଷ ହୋଇଥିବା ପ୍ରାୟ ଏକ କୋଟି ଆଠ ଲକ୍ଷ ଟଙ୍କା ମୂଲ୍ୟର ଗଞ୍ଜେଇ ଗଛକୁ କାଟି ନଷ୍ଟ କରାଯାଇଛି।

ପୁଲିସ ସୂଚନା ଅନୁସାରେ ଗୁରୁବାର ଫିରିଙ୍ଗିଆ ଥାନା କେଲାପଡ଼ା ଓ ଭୃଙ୍ଗିଯୋଡ଼ି ପଞ୍ଚାୟତର କୋଇଲାରୀ, ଜର୍ଗିପଡ଼ା, ଗେବେଡି ଓ ଡୁମୁଡୁମା ଗାଁ ନିକଟବର୍ତ୍ତୀ ଜଙ୍ଗଲରେ ଚଢ଼ଉ କରାଯାଇ ଗଞ୍ଜେଇ ଗଛ କାଟି ନଷ୍ଟ କରାଯାଇଛି। ଫିରିଙ୍ଗିଆ ଅତିରିକ୍ତ ତହସିଲଦାର ଅଭିନାଶ ମିଶ୍ରଙ୍କ ଉପସ୍ଥିତିରେ ଗଞ୍ଜେଇ ଗଛ କଟାଯାଇଥିଲା। ଏହି ଚଢ଼ଉରେ ଏଏସଆଇ ପ୍ରମୋଦ କୁମାର ପ୍ରଧାନଙ୍କ ସହ ହୋମଗାର୍ଡ ଓ ପ୍ରାୟ ୩୦ ଜଣ ଶ୍ରମିକ ସାମିଲ ହୋଇଥିଲେ। ସୁରକ୍ଷା ଦୃଷ୍ଟିରୁ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ଏ ସମ୍ପର୍କରେ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ବୃଦ୍ଧ ଦମ୍ପତିଙ୍କ ଆତ୍ମହତ୍ୟା



**ପାରଳାଖେମୁଣ୍ଡି, ୧୬।୨(ସମିସ):** ପାରଳାଖେମୁଣ୍ଡି ସହରର କେଉଟ ସାହିରେ ଏକ ଅଭାବନୀୟ ଘଟଣା ଘଟିଛି। ବୃଦ୍ଧ ଦମ୍ପତି ବିଷପାନ କରି ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ନବୀନ ଚନ୍ଦ୍ର ଆଚାର୍ଯ୍ୟ (୬୩) ଓ ତାଙ୍କ ପତ୍ନୀ ବାସନ୍ତୀ ଆଚାର୍ଯ୍ୟ (୫୫)। ମାନସିକ ଦୁଶ୍ଚିନ୍ତା କିମ୍ବା ପାରିବାରିକ କଳହରୁ କୌଣସି ଏକ ବିଷାକ୍ତ ପାଉଡର ଖାଇ ସେମାନେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ଗୁରୁବାର ରାତିରେ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସେମାନଙ୍କୁ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ନବୀନଙ୍କୁ ମୃତ ଘୋଷଣା କରିଥିଲେ। ବାସନ୍ତୀଙ୍କ ଅବସ୍ଥା ଗୁରୁତର ରହିଥିଲା। ତାଙ୍କୁ ଉଚ୍ଚ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। ହେଲେ ଆମ୍ବୁଲାନ୍ସରେ ନେବା ବେଳେ ଅଧା ବାଟରେ ତାଙ୍କର ବି ମୃତ୍ୟୁ ଘଟିଥିଲା। ଦମ୍ପତିଙ୍କ ଦୁଇ ପୁଅ ଅଛନ୍ତି। ଜଣେ ବ୍ରହ୍ମପୁରରେ ଗାଡ଼ି ଚାଳକ ଭାବେ କାମ କରୁଥିବା ବେଳେ ଆଉ ଜଣେ ପୁଅ ଅରୁଣ କୁମାର ଆଚାର୍ଯ୍ୟ ପାରଳାଖେମୁଣ୍ଡିରେ ଅଲଗା ରହୁଛନ୍ତି। ବୃଦ୍ଧ ଦମ୍ପତି କେଉଟ ସାହିରେ ଭଡ଼ା ଘରେ ରହୁଥିଲେ। ଅରୁଣଙ୍କ ବାହାଘର ନଭେମ୍ବର ୨୦୨୩ରେ ହୋଇଥିଲା। ଘଟଣା ବିଷୟରେ ପାରଳାଖେମୁଣ୍ଡି ଥାନାରେ ଅରୁଣ ଅଭିଯୋଗ କରିବା ପରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୁଲିସ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ବୃଦ୍ଧ ଦମ୍ପତିଙ୍କ ପଞ୍ଚନାମା କରିଛି। ଏହାପରେ ମୃତ ନବୀନଙ୍କ ଘରକୁ ଯାଇ ପ୍ରାଥମିକ ତଦନ୍ତ କରିଥିଲେ ଥାନା ଅଧିକାରୀ ପ୍ରଶାନ୍ତ ଭୂପତି। ଘରର ଗୋଟିଏ କଠୋରୀରେ ବିଷାକ୍ତ ପାଉଡର ପଡ଼ି ରହିଥିବା ଦେଖାଯାଇଥିଲା। ପ୍ରାଥମିକ ତଦନ୍ତ ବେଳେ ଏହା ମୂଷା ମରା ଔଷଧ ବୋଲି ଜଣାପଡ଼ିଛି। ଏହାର ନମୁନା ପୁଲିସ ସଂଗ୍ରହ କରିଛି। ତେବେ କୁହାଯାଉଥିବା ମୂଷାମରା ଔଷଧର ଖାଲିପାଉଚ ବା ପ୍ୟାକେଟ ମିଳିନାହିଁ। ପାରିବାରିକ କଳହ କିମ୍ବା ଅନ୍ୟକାରଣ ଯୋଗୁଁ ଦମ୍ପତି ବିଷ ପାନ କରିଥାଇପାରନ୍ତି ବୋଲି ଥାନା ଅଧିକାରୀ କହିଛନ୍ତି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ତଦନ୍ତ କରୁଛି। ଗୁରୁବାର ପୁଅବୋହୂ ଘରକୁ ଆସିଥିଲେ ବୋଲି କହଛନ୍ତି ଥାନା ଅଧିକାରୀ। ଘରେ କଳି ଲାଗି ପାଟିତୁଣ୍ଡ ହୋଇଥିବା ସାହି ପଡ଼ିଶା ଲୋକେ କହିଛନ୍ତି।

# ରାମଗିରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



**ଛେଲିଗଡ଼, ୧୬।୨(ସମିସ):** ଗଜପତି ଜିଲ୍ଲା ରା. ଉଦୟଗିରି ବ୍ଲକ ରାମଗିରି ପଞ୍ଚାୟତସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଗୁରୁଜୀ ରାଧାକୃଷ୍ଣ ଦାସଙ୍କ ସଭାପତିତ୍ୱରେ ହୋଇଥିବା ଉତ୍ସବରେ ମୁଖ୍ୟ ଅତିଥି ଭାବେ ୧୨ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ଦଣ୍ଡପାଣି ବଡମୁଣ୍ଡି, ମୁଖ୍ୟ ବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକର ଓଡ଼ିଶା ପୂର୍ବ ପ୍ରାନ୍ତ ସହ ଶାରୀରିକ ଶିକ୍ଷଣ ପ୍ରମୁଖ ଅଶୋକ କୁମାର ରଣଜିତ, ସମ୍ମାନିତ ଅତିଥି ଭାବେ ରା.ଉଦୟଗିରି ବ୍ଲକ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଶବର, ରାମଗିରି ନାଏବ ସରପଞ୍ଚ ରାଜେନ୍ଦ୍ର କୁମାର ମାଝୀ, ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଅଧିକାରୀ ଅଭିମନ୍ୟୁ ମଲ୍ଲିକ, ୨୨ ନମ୍ବର ଜୋନ୍ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ତାରିଣୀ ଚରଣ ଗୌଡ଼, ପୂର୍ବତନ ସମିତିସଭ୍ୟ ଗୋପବନ୍ଧୁ ପଟ୍ଟନାୟକ, ବିଶ୍ୱହିନ୍ଦୁ ପରିଷଦ ଗଜପତି ଜିଲ୍ଲା ସଭାପତି ନରେନ୍ଦ୍ର କୁମାର ଯାନୀ, ଗଞ୍ଜାମ ବିଭାଗ ଶାରୀରିକ ପ୍ରମୁଖ ଅମୂଲ୍ୟ କୁମାର ପାତ୍ର, ବିଶ୍ୱହିନ୍ଦୁ ପରିଷଦ କାର୍ଯ୍ୟବାହ ରଣାହାତୀ ନାୟକ, ବିଶ୍ୱହିନ୍ଦୁ ପରିଷଦ ଜିଲ୍ଲା କାର୍ଯ୍ୟବାହ ଆନନ୍ଦ ବଳିଆରସିଂ, ଧର୍ମ ଜାଗରଣ କାର୍ଯ୍ୟବାହ ଦେବରାଜ ଦଳାଇ, ରା.ଉଦୟଗିରି ଖଣ୍ଡ ସହ ଖଣ୍ଡ ଶାରୀରିକ ଶିକ୍ଷଣ କୃଷ୍ଣଚନ୍ଦ୍ର ରଇତ, ରାମଗିରି ମଣ୍ଡଳ କାର୍ଯ୍ୟବାହ ରମେଶ ଚନ୍ଦ୍ର ରଇତ ମଞ୍ଚାସୀନ ଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପକ ବାୟାଧର ବଡ଼କୁମର ପରିଚାଳନା କରିଥିଲେ।

## କପି କରି ଧରାପଡ଼ିଲେ ଛାତ୍ର

**ପାରଳାଖେମୁଣ୍ଡି, ୧୬।୨(ସମିସ):** ଗଜପତି ଜିଲ୍ଲାର ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ ପରୀକ୍ଷା ଶୁକ୍ରବାର ଆରମ୍ଭ ହୋଇଛି। ସ୍ଥାନୀୟ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଜି ମାତୃଭାଷା ପରୀକ୍ଷା ଥିଲା। ଏହି ପରୀକ୍ଷାରେ ଜଣେ ଛାତ୍ର କପି କରି ଧରା ପଡ଼ିଥିବା ଜଣାପଡ଼ିଛି। ତେବେ ସେ ଅନ୍ୟାନ୍ୟ ପରୀକ୍ଷା ଦେଇପାରିବେ ବୋଲି କଲେଜ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ପ୍ରକାଶ। ଅନ୍ୟପକ୍ଷରେ ଜିଲ୍ଲାର ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ହୋଇଥିବା ଜଣାପଡ଼ିଛି।

## ଅଷ୍ଟପ୍ରହର ନାମଯଜ୍ଞ ପାଇଁ ଶୁଭଖୁଣ୍ଟି ସ୍ଥାପନ

**ଚକାପାଦ, ୧୬।୨(ସମିସ):** କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ ଶଙ୍କରାଖୋଲ ପଞ୍ଚାୟତ ଲେଙ୍ଗାରଖୋଲରେ ପଞ୍ଚାୟତସ୍ତରୀୟ ଦ୍ୱାଦଶତମ ଅଷ୍ଟପ୍ରହର ନାମଯଜ୍ଞ ସକାଶେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଆସନ୍ତା ମାର୍ଚ୍ଚ ମାସ ୧୭ ତାରିଖରେ ଅଷ୍ଟପ୍ରହର ଆରମ୍ଭ ହୋଇ ୧୯ ତାରିଖରେ ଶେଷ ହେବ ବୋଲି ଜଣାପଡ଼ିଛି। ଏଥିରେ ପଞ୍ଚାୟତସ୍ତରୀୟ ସଭାପତି ପରାଶର ପ୍ରଧାନ, ସମ୍ପାଦକ ଗଣେଶ ରଣା, ସହସମ୍ପାଦକ ଅଶୋକ କହଁର, ଉପସଭାପତି ମୁଲା ଦିଗାଲ ଓ ଗ୍ରାମ୍ୟ କମିଟି ସଭାପତି କପ୍ତାନ କହଁର, ଯଜମାନ ଦତ୍ୟ କହଁର, ଦ୍ୱିତୀୟ କର୍ମକର୍ତ୍ତା ବେଲାରସେନ କହଁର, ପୁରୋହିତ ଦିଗାମ୍ବର ଦାସଙ୍କ ସହ ବହୁ ସଂଖ୍ୟାରେ ସାଧାରଣ ଲୋକ ଉପସ୍ଥିତ ଥିଲେ। କୀର୍ତ୍ତନ, ହୁଳହୁଳି ସହ ପୂଜାର୍ଚ୍ଚନା କରାଯାଇ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା।

## ଡାଲି ହଣ୍ଡାରେ ପଡ଼ି ଜଣେ ଗୁରୁତର

**ଜି.ଉଦୟଗିରି, ୧୬।୨(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ ରଟିଙ୍ଗିଆ ପଞ୍ଚାୟତର ଡଡ଼ାପଡ଼ା ଗ୍ରାମରେ ଅଷ୍ଟ ପ୍ରହର ନାମଯଜ୍ଞ ଚାଲିଥିବା ବେଳେ ରନ୍ଧାଶାଳରେ ଡାଲି ହାଣ୍ଡିରେ ପଡ଼ିଯାଇ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ରନ୍ଧାଶାଳରେ ଗୋଟିଏ ଗାଇ ପଶିଯାଉଥିଲା। କାହ୍ନା ପ୍ରଧାନ(୨୫) ନାମକ ଜଣେ ଯୁବକ ଗାଇକୁ ଘଉଡ଼ାଇବା ବେଳେ ଭାରସାମ୍ୟ ହରାଇ ଡାଲି ହଣ୍ଡାରେ ପଡ଼ି ଯାଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ଅଟୋରେ ସଙ୍ଗେ ସଙ୍ଗେ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା କରିବା ପରେ ତାଙ୍କୁ ଫୁଲବାଣୀ ସ୍ଥାନାନ୍ତର କରାଯାଇଛି।

## ବ୍ରାହ୍ମଣୀଗାଁରେ କନ୍ଧମାଳ ଜିଲ୍ଲା କଂଗ୍ରେସ ସଭାପତି

**ବ୍ରାହ୍ମଣୀଗାଁ, ୧୬।୨(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ଗସ୍ତରେ ଗୁରୁବାର ଜିଲ୍ଲା କଂଗ୍ରେସର ନୂତନ ସଭାପତି ଚନ୍ଦ୍ରଶେଖର ପରିଡ଼ା ଆସିଥିଲେ। ତାଙ୍କୁ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ରୁଦା ମଲ୍ଲିକଙ୍କ ନେତୃତ୍ୱରେ ବ୍ରାହ୍ମଣୀଗାଁ ଜୋନ୍ ଦଳୀୟ କର୍ମକର୍ତ୍ତା ସମ୍ବର୍ଦ୍ଧନା ଜଣାଇଥିଲେ। ବ୍ରାହ୍ମଣୀଗାଁ ଜୋନ୍ ପକ୍ଷରୁ ଆରଏମପି ପରିସରରେଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସଭାପତି ଯୋଗ ଦେଇଥିଲେ। ଏହି ଅବସରରେ ପିସିସି ସମ୍ପାଦିକା ବିଳାସିନୀ ନାୟକ, ପୂର୍ବତନ ବିଧାୟକ ଯାକବ ପ୍ରଧାନ, ପୂର୍ବତନ ବିଧାୟକ ପ୍ରାର୍ଥୀ ଶ୍ୟାମଘନ ପ୍ରଧାନ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ଚନ୍ଦନ ପଣ୍ଡା, ଉପସଭାପତି ସିମ୍ଲାରାଣୀ ପତ୍ରା ଉପସ୍ଥିତ ଥିଲେ। ବ୍ରାହ୍ମଣୀଗାଁ ଜୋନ୍ ସଭାପତି ପ୍ରଦୀପ ମଳିକ, ବ୍ରାହ୍ମଣୀଗାଁ ପଞ୍ଚାୟତ ସଭାପତି ମାରିଆନ ସିଂ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲୁକ ସୁନାମାଝୀ, ବ୍ଲକ ସମ୍ପାଦକ ଶରତ ପ୍ରଧାନ, ଶରତ ବଳିଆରସିଂ, ପୂର୍ବତନ ସମିତିସଭ୍ୟ କରମ ସିଂ ନାୟକ, ମହିଳା ନେତ୍ରୀ ନମିତା ପରିଡ଼ା, ଯୁବନେତା କାଶୀନାଥ ସିଂଙ୍କ ସହିତ ଜୋନ୍ ଅଧୀନସ୍ଥ ବହୁ ବରିଷ୍ଠ କଂଗ୍ରେସ କର୍ମୀ, ଯୁବ କର୍ମୀ ଓ ମହିଳା କର୍ମୀଙ୍କ ଉପସ୍ଥିତିରେ ବିଭିନ୍ନ ବିଷୟ ନେଇ ଆଲୋଚନା ହୋଇଥିଲା।

## ଜି.ଉଦୟଗିରିରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସଭ୍ୟା



**ଜି.ଉଦୟଗିରି, ୧୬।୨(ସମିସ):** ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସଭ୍ୟା ଜାଲିନା ପ୍ରିୟଦର୍ଶିନୀ ଓ ରୁବି ବିଶ୍ୱାଳ ଶୁକ୍ରବାର ଜି.ଉଦୟଗିରିରେ ପହଞ୍ଚି ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ର, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସୁଭଦ୍ରା ମହତାବ ସେବା ସଦନ, ଆଶ୍ରମ ବିଦ୍ୟାଳୟ, ଛତୁଆ ଉତ୍ପାଦନ କେନ୍ଦ୍ର ପରିଦର୍ଶନ କରିଥିଲେ। ଏହି ଅବସରରେ ଡିସିପିଓ ରଶ୍ମିତା କହଁର ଓ ସିଡିପିଓ କଳ୍ପନା ଶତପଥୀ ଉପସ୍ଥିତ ଥିଲେ। ଶିଶୁ ଅଧିକାର ସୁରକ୍ଷା ଆୟୋଗ ସଭ୍ୟା ଅଙ୍ଗନବାଡ଼ି କେନ୍ଦ୍ର, ବିଭିନ୍ନ ବିଦ୍ୟାଳୟ, କଳିଙ୍ଗା ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରି ଶିକ୍ଷା, ସ୍ୱାସ୍ଥ୍ୟ ଓ ଖାଦ୍ୟର ମାନ ବିଷୟରେ ଟିକିନିଖି ପରଖିଥିଲେ। ଶିଶୁଙ୍କ ମୌଳିକ ଅଧିକାର ବିଷୟରେ ପିଲାଙ୍କୁ ବୁଝାଇଥିଲେ। ଜି.ଉଦୟଗିରିର ଝିଅ ଜାଲିନା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଭ୍ୟା ଭାବେ ନିଜ ଅଞ୍ଚଳ ପରିଦର୍ଶନ କରୁଥିବା ଦେଖି ଅଞ୍ଚଳବାସୀ ଖୁସି ପ୍ରକାଶ କରିଥିଲେ। ସୂଚନା ଥାଉ କି ରାଜ୍ୟ ସରକାର ପ୍ରଥମେ ତାଙ୍କୁ ମହିଳା କମିଶନ ଦାୟିତ୍ୱ ଦେଇଥିବା ବେଳେ ବର୍ତ୍ତମାନ ଶିଶୁ ସୁରକ୍ଷା ଆୟୋଗର ସଭ୍ୟା ଭାବେ ଗୁରୁଦାୟିତ୍ୱ ଦେଇଛନ୍ତି।

## ପାରଳାରେ ଭାରତ ବନ୍ଦର ଆଂଶିକ ପ୍ରଭାବ

**ପାରଳାଖେମୁଣ୍ଡି, ୧୬।୨(ସମିସ):** କେନ୍ଦ୍ର ସରକାର ଆଣିଥିବା ଶ୍ରମିକ ବିରୋଧୀ ତଥା କର୍ପୋରେଟ ସପକ୍ଷବାଦୀ ଚାରୋଟି ଶ୍ରମକୋଡ୍ ବାତିଲ କରିବା, ରାଷ୍ଟ୍ରାୟତ ଶିଳ୍ପ ଓ



ସେବାସଂସ୍ଥାର ଘରୋଇକରଣ ବନ୍ଦ, ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ୬୦୦ ଟଙ୍କାକୁ ବୃଦ୍ଧି ସହ ଆଉ କେତେକ ଦାବି ନେଇ ଜିଲ୍ଲା ସଂଯୁକ୍ତ କିଶାନ୍ ମୋର୍ଚ୍ଚା ପକ୍ଷରୁ ଦିଆଯାଇଥିବା ଭାରତ ବନ୍ଦ ଡାକରାର ଆଂଶିକ ପ୍ରଭାବ ପାରଳାରେ ଦେଖିବାକୁ ମିଳିଥିଲା। ପାରଳା ସହରେ କାଭାଁ ଦୋକାନ, ବଜାର ବନ୍ଦ ରହିଥିବା ବେଳେ ବସ୍ ସେବା ସମ୍ପୂର୍ଣ୍ଣ ଭାବେ ବନ୍ଦ ଥିଲା। କେଦାର ଶବର, ଦଣ୍ଡପାଣି ରଇତ, ରକମ୍ ଲୋକନାଥନଙ୍କ ନେତୃତ୍ୱରେ ସହରର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଶୋଭାଯାତ୍ରା ବାହାର କରାଯାଇ ନଗର ପରିକ୍ରମା କରାଯାଇଥିଲା। ଏଥିରେ ବିଭିନ୍ନ ୟୁନିୟନର ନେତା ଓ କର୍ମୀଙ୍କ ସହ ଆଶାକର୍ମୀ ସାମିଲ ହୋଇଥିଲେ।

# କାଶୀନଗରରେ ଭାରତ ବନ୍ଦର ପ୍ରଭାବ



କାଶୀନଗର, ୧୬।୨(ସମିସ): ଗଜପତି ଜିଲ୍ଲା କାଶୀନଗର ବ୍ଲକ ଓ ଏନ୍ଏସିରେ ଭାରତ ବନ୍ଦର ପ୍ରଭାବ ପଡ଼ିଥିବା ଦେଖାଯାଇଛି। ସକାଳ ୬ଟାରୁ ଅପରାହ୍ନ ୪ଟା ଯାଏଁ ସବୁ ଦୋକାନ ବଜାର ଓ ଯାନବାହନ ଚଳାଚଳ ବନ୍ଦ ଥିଲା। କିନ୍ତୁ ଅତ୍ୟାବଶ୍ୟକ ସେବା ଓ ଛାତ୍ରଛାତ୍ରୀଙ୍କ ପରୀକ୍ଷା ପ୍ରଭାବିତ ହୋଇ ନ ଥିଲା। କୃଷକ ନେତା କେଦାର ଶବର, କାର୍ତ୍ତିକ ଶବର, ସୁମ୍ବାରା ଶବର, ଆର.ଲୋକନାଥମ୍, କେ.ମୀନା ରାଓ ଓ ୱାଇ.ଲକ୍ଷ୍ମୀନାରାୟଣ ବନ୍ଦ ଡାକରାର ନେତୃତ୍ୱ ନେଇଥିଲେ। ଶିଆଳି ସରପଞ୍ଚ ତଥା ସ୍ଥାନୀୟ ବରିଷ୍ଠ କଂଗ୍ରେସ ନେତା ରାମ ପ୍ରସାଦ ପଟ୍ଟନାୟକ ଅଂଶଗ୍ରହଣ କରିଥିଲେ। ବନ୍ଦ ପାଳନକାରୀଙ୍କୁ ବହୁ ସଚେତନ ନାଗରିକ ଓ ବୁଦ୍ଧିଜୀବୀଙ୍କ ସମର୍ଥନ ବି ମିଳିଥିଲା।

ସୂଚନାଯୋଗ୍ୟ ଯେ, ସ୍ୱାମୀନାଥନ୍ କମିଟିର ସୁପାରିଶ ଅନୁଯାୟୀ ସମସ୍ତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ସକାଶେ ଆଇନଗତ ଗ୍ୟାରେଣ୍ଟି, ସରକାରୀ ଭାବେ ଫସଲ ସଂଗ୍ରହକୁ ସୁନିଶ୍ଚିତ କରିବା, ଶ୍ରମିକ ସ୍ୱାର୍ଥ ବିରୋଧୀ ଶ୍ରମ କୋଡ୍ ବାତିଲ୍, ମନରେଗା ଶ୍ରମିକମାନଙ୍କୁ ୨୦୦ ଦିନର କାମ ଓ ସେମାନଙ୍କ ଦୈନିକ ମଜୁରୀ ୬୦୦ ଟଙ୍କାକୁ ବୃଦ୍ଧି କରିବା, ବିଦ୍ୟୁତ ବିଭାଗୀୟ ସ୍ମାର୍ଟ ମିଟର ପ୍ରଚଳନ ବନ୍ଦ, ରାଷ୍ଟ୍ରାୟତ ଉଦ୍ୟୋଗଗୁଡ଼ିକର ଘରୋଇକରଣ ନ କରିବା, ଦରବୃଦ୍ଧି ନିୟନ୍ତ୍ରଣ ଆଦି ଦାବି ନେଇ କୃଷକ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଆନ୍ଦୋଳନର ଅଂଶ ସ୍ୱରୂପ ଶୁକ୍ରବାର ବନ୍ଦ ପାଳନ ଡାକରା ଦିଆଯାଇଥିଲା। କେଉଁଠାରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନ ଥିବା ଜଣାଯାଇଛି।

# ଜି.ଉଦୟଗିରିର ୪୦୦ ଶ୍ରଦ୍ଧାଳୁ ବଖାଣିଲେ ପୁରୀ ଅନୁଭୂତି



**ଜି.ଉଦୟଗିରି, ୧୬।୨(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିର ବ୍ଲକ ଓ ଏନଏସିରୁ ୪୦୦ ଶ୍ରଦ୍ଧାଳୁ ପୁରୀ ଗସ୍ତ କରି କୋଟି ଓଡ଼ିଆଙ୍କ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଛନ୍ତି। ଜି.ଉଦୟଗିରି ଏନ୍ଏସିର ୧୩ ୱାର୍ଡରୁ ୨୪୦ ଏବଂ ଜି. ଉଦୟଗିରି ବ୍ଲକର କଳିଙ୍ଗା, ତଲାରିମାହା, ଲିଙ୍ଗାଗଡ଼, କଟିଙ୍ଗିଆ, ମାଲିକାପଡ଼ି, ରଟିଙ୍ଗିଆ, ରାଇକଳା, ଗ୍ରେସିଙ୍ଗିଆ ପ୍ରଭୃତି ୮ ପଞ୍ଚାୟତରୁ ୧୬୦ ଶ୍ରଦ୍ଧାଳୁ ପରିକ୍ରମା ମାର୍ଗ ପ୍ରଦକ୍ଷଣ କରି ଦିବ୍ୟ ଅନୁଭୂତି ସାଉଁଟିଛନ୍ତି। ସରକାରଙ୍କ ବ୍ୟବସ୍ଥାକୁ ପ୍ରଶଂସା କରିଥିବା ବେଳେ ପରିକ୍ରମା ପ୍ରକଳ୍ପ ଦେଖି ଭାବବିହ୍ୱଳ ହୋଇଛନ୍ତି ଭକ୍ତ। ପୂର୍ବରୁ ଶ୍ରୀଜଗନ୍ନାଥ ବେଢ଼ା ଆଉ ଏବର ପରିକ୍ରମା ମାର୍ଗକୁ ଦେଖି ବିଶ୍ୱାସ କରି ହେଉନାହିଁ ବୋଲି କହିଛନ୍ତି ଶ୍ରଦ୍ଧାଳୁ। ଏନଏସି ତରଫରୁ କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଯାତ୍ରାରେ କାଉନସିଲରଙ୍କ ସହିତ କର୍ମଚାରୀ ଦାୟିତ୍ୱରେ ରହିଥିଲେ। ସେହିପରି ବ୍ଲକ ତରଫରୁ ନୋଡାଲ ଅଫିସର ଜ୍ୟୋତି ପ୍ରକାଶ ସାହୁ, ବିଶ୍ୱଜିତ ନାୟକ, କନକ କହଁର ଓ ହରପ୍ରସାଦ ରାଉତରାୟ ଦାୟିତ୍ୱରେ ରହିଥିଲେ। ଶ୍ରଦ୍ଧାଳୁଙ୍କୁ ପୁରୀ ନେବା ପାଇଁ ଏନ୍ଏସି ତରଫରୁ ୬ ଓ ବ୍ଲକ ତରଫରୁ ୪ ବସ୍‌ର ବ୍ୟବସ୍ଥା ହୋଇଥିଲା।

## ‘ନୂଆ-ଓ’ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

**ଗୋଷାଣି, ୧୬।୨(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗୁରାଣ୍ଡି ଗ୍ରାମସ୍ଥିତ ମୀନକେତନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ‘ନୂଆ-ଓ’ କାର୍ଯ୍ୟକ୍ରମ ଅନ୍ତର୍ଗତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ପରିପ୍ରେକ୍ଷୀରେ ଅନୁଷ୍ଠିତ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଅଧ୍ୟକ୍ଷ ତିରୁପତି ବାଲାଜୀ ପରିଚ୍ଛାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଭାଇସ୍ ପ୍ରିନ୍ସିପାଲ ରାଜେଶ କୁମାର ପାତ୍ର, କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଅର୍ଜୁନ ମଣ୍ଡଳ, ଅଧ୍ୟାପିକା ଭାଗବତି ଗମାଙ୍ଗ ଯୋଗଦେଇ ଭାଷା ଜ୍ଞାନ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ପାଇଁ ବକ୍ତୃତା, ସଙ୍ଗୀତ, କୁଇଜ୍, ଓଡ଼ିଆ ହସ୍ତାକ୍ଷର ପ୍ରତିଯୋଗିତା ହୋଇଥିବା ବେଳେ ଓ ଜଗନ୍ନାଥ ସଂସ୍କୃତି ବିଷୟରେ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।



# ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ



**ଫୁଲବାଣୀ, ୧୬।୨(ସମିସ)**

ଫୁଲବାଣୀ ବ୍ଲକ କେରେଡ଼ି ପଞ୍ଚାୟତ ପରିସରରେ ରାଜ୍ୟ ସରକାରଙ୍କ ‘ଆମ ଓଡ଼ିଶା ନବୀନ ଓଡ଼ିଶା’ କାର୍ଯ୍ୟକ୍ରମ ଜରିଆରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ କେରେଡି ସରପଞ୍ଚ ବିନିତା ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ ସମସ୍ତଙ୍କୁ ସେ ଆହ୍ୱାନ ଦେଇଥିଲେ। କୃଷି, ମତ୍ସ୍ୟ, ପଶୁପାଳନ ବିଭାଗ ଓ ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ମହିଳା ଆତ୍ମନିର୍ଭରଶୀଳ ହୋଇ ନିଜ ଗୋଡ଼ରେ ନିଜେ ଛିଡ଼ା ହେବାରେ ବର୍ତ୍ତମାନ ସଫଳ ହୋଇପାରିଛନ୍ତି ବୋଲି ଅତିଥି ମତବ୍ୟକ୍ତ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବିଡିଓ ପ୍ରତୀକ ସାହୁ ଯୋଗଦେଇ ବିଭିନ୍ନ ଯୋଜନା ସମ୍ପର୍କରେ ଉପସ୍ଥିତଙ୍କୁ ସଚେତନ କରିଥିଲେ। ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଲିବାକୁ ଥିବା ଲକ୍ଷ୍ମୀ ବସ୍, ମୋ ବସ୍ ଓ ଆଧୁନିକୀକରଣ ହୋଇଥିବା ବସ୍‌ଷ୍ଟାଣ୍ଡରେ ଜନସାଧାରଣ କିଭଳି ସେବା ପାଇବେ ଓ ଗନ୍ତବ୍ୟ ସ୍ଥଳରେ ସ୍ୱଳ୍ପ ମୂଲ୍ୟରେ ପହଞ୍ଚିବା ପାଇଁ ନୂତନ ଯୋଜନା ସମ୍ପର୍କରେ ଶ୍ରୀ ସାହୁ ଅବଗତ କରିଥିଲେ। ପିଇଓ ମାନସ ରଞ୍ଜନ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ନୂଆଗଡ଼:** ବର୍ତ୍ତମାନ ରାଜ୍ୟର ପ୍ରତ୍ୟେକ ଜିଲ୍ଲାର ସବୁ ପଞ୍ଚାୟତରେ ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ହେଉଛି। ଏହି ପରିପ୍ରେକ୍ଷୀରେ ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକର ଲୁହାଙ୍ଗର ପଞ୍ଚାୟତର ଟାକବୁଲ ପଡ଼ିଆରେ



ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଏସ୍‌ଡିସି ଅଧ୍ୟକ୍ଷା ମରୀୟମ ରଇତ ଓ ବିଡିଓ ଲୋକନାଥ ଶବର ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରି ଲୋକଙ୍କୁ ସଚେତନ କରାଇଥିଲେ। ଏହା ସହ ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ଯୋଜନାର ବାର୍ଷିକ ଖସଡ଼ା ପ୍ରସ୍ତୁତ କରିଥିଲେ। କାର୍ଯ୍ୟକ୍ରମରେ ନାଚଗୀତ ସାଙ୍ଗକୁ ପୁରସ୍କାର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ସରପଞ୍ଚ ସୁବାସିନୀ ମଣ୍ଡଳ, ଗ୍ରାମ ସେବିକା ଅର୍ଚ୍ଚନା ନାୟକ, ସମିତିସଭ୍ୟା ଅର୍ଚ୍ଚନା ମଣ୍ଡଳ, ନାଏବ ସରପଞ୍ଚ ରାଜେଶ୍ ମଣ୍ଡଳ ପରିଚାଳନା କରିଥିଲା ବେଳେ ସମସ୍ତ ୱାର୍ଡ ସଭ୍ୟ ସହଯୋଗ କରିଥିଲେ।

ଗ୍ରାମୀଣ ଭାରତ ବନ୍ଦ ପାଳିତ

# କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତିକୁ ବିରୋଧ






**ଛତ୍ରପୁର, ୧୬ ।୨(ସମିସ):**

କେନ୍ଦ୍ର ସରକାରଙ୍କ ଜନବିରୋଧୀ, ଶ୍ରମିକ ବିରୋଧୀ, କୃଷକ ବିରୋଧୀ ନୀତିଗୁଡ଼ିକୁ ବିରୋଧ କରି ବିଭିନ୍ନ ସଂଗଠନ ପକ୍ଷରୁ ଶୁକ୍ରବାର ଦେଶବ୍ୟାପୀ ହରତାଳ, ଧର୍ମଘଟ ଓ ଭାରତ ବନ୍ଦ କରାଯାଇଛି। ଏନେଇ ଛତ୍ରପୁରଠାରେ ସଂଯୁକ୍ତ କିଷାନ ମୋର୍ଚ୍ଚା, କେନ୍ଦ୍ରୀୟ ଟ୍ରେଡ ୟୁନିୟନମାନଙ୍କ ମିଳିତ ମଞ୍ଚ, ସ୍ୱାଧୀନ ଫେଡେରେସନ ସମୂହ, ଏଆଇଟିୟୁସି, ଆଇଏନଟିୟୁସି, ଏଚ୍‌ଏମ୍‌ଏସ୍, ଟିୟୁସିସି, ଋଷିକୂଲ୍ୟା ରୟତ ମହାସଭା ସମେତ ବିଭିନ୍ନ ଶ୍ରମିକ ଓ ଚାଷୀ ସଂଗଠନ ପକ୍ଷରୁ ବିଭିନ୍ନ ସ୍ଥାନରେ ପିକେଟିଂ କରାଯିବା ସହିତ ଧର୍ମଘଟ ଓ ହରତାଳ କରାଯାଇଥିଲା। ପ୍ରଥମେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୋଦୀ ସରକାରଙ୍କ ବିରୋଧରେ ଶ୍ରମିକ ସଂଗଠନର ନେତା ଓ କର୍ମୀମାନେ ଗର୍ଜିଥିଲେ। ପରେ ଜାତୀୟ ରାଜପଥ, ଅନ୍ୟାନ୍ୟ ଛକରେ ପହଞ୍ଚି ହରତାଳ କରିଥିଲେ। ଏଥିରେ ଆଇଏନଟିୟୁସି ନେତା ଭାଗିରଥି ବେହେରା, କାଳିଆ ରାଉଳ, ଟି. କ୍ରିଷ୍ଣା ରେଡ୍ଡୀ, ଏଆଇଟିୟୁସି ନେତା ନୀଳକଣ୍ଠ ଦାଶ, ନାରୀନେତ୍ରୀ ଏନ. ଭାନୁମତି ରେଡ୍ଡୀ, ରାଜୀବ ଲୋଚନ ପଣ୍ଡା, ଏନ. ମୁନା ପାତ୍ର, ଏସ. କ୍ରିଷ୍ଣା ରେଡ୍ଡୀ, ଏନ. ସୁକାନ୍ତ ଆଚାରୀ, କୈଳାଶ ପଲେଇ, ଋଷିକୂଲ୍ୟା ରୟତ ମହାସଭାର ସମ୍ପାଦକ ସିମାଞ୍ଚଳ ନାହାକଙ୍କ ସମେତ ବହୁ ଚାଷୀ ଏବଂ ଶ୍ରମିକ ସାମିଲ ଥିଲେ।

**ଖଲ୍ଲିକୋଟ:** ସଂଯୁକ୍ତ କିଷାନ ମୋର୍ଚ୍ଚା ଓ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ମାନଙ୍କର ମିଳିତ ମଞ୍ଚର ଗ୍ରାମୀଣ ଭାରତ ବନ୍ଦ ଡାକରା ପରିପ୍ରେକ୍ଷୀରେ ଶୁକ୍ରବାର ଖଲ୍ଲିକୋଟରେ ବନ୍ଦ ପାଳିତ ହୋଇଯାଇଛି। ସ୍ଥାନୀୟ ବିକେଏମ୍ୟୁ, ଅଖିଳ ଭାରତ କୃଷକ ସଭା, ଏଆଇଟିୟୁସି ଓ କଂଗ୍ରେସ ଦଳ ମିଳିତ ଭାବେ ଶତାଧିକ କର୍ମୀଙ୍କ ସହ ନିର୍ମଳଝର ଛକରେ ଏକ ଘଣ୍ଟା ରାସ୍ତାରୋକ କରିଥିଲେ। ସେଠାରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଖଲ୍ଲିକୋଟ ସହର ପରିକ୍ରମା କରିବା ସହ ବସ୍‌ଷ୍ଟାଣ୍ଡରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଧାରଣାରେ ବସିଥିଲେ। କୃଷକ ନେତା କନ୍ଧ ପ୍ରଧାନ, ଲକ୍ଷ୍ମୀ ଚରଣ ପାଣିଗ୍ରାହୀ, କ୍ଷେତ ମଜଦୂର ୟୁନିୟନର ଜିଲ୍ଲା ସଭାପତି ସାଥି ରଘୁନାଥ ଗୌଡ଼, ଏଆଇଟିୟୁସିର ସାଥି ଦୁର୍ଗା ଚରଣ ପାତ୍ର, ବିକେଏମ୍ୟୁ ନେତା ସାଥି ରବି ସ୍ୱାଇଁ, ଆଇଏନଟିୟୁସି ନେତା ଭୋକାଲୀ ସେଠୀ, କଂଗ୍ରେସ ବ୍ଲକ ସଭାପତି ମେଘନାଦ ଦଳେଇ, ସିପିଆଇର ଯୁବ ନେତା ଜୟରାମ ଦାଶ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ, କୃଷକ ବିରୋଧୀ ନୀତି ବିରୋଧରେ ଭାଷଣ ଦେଇଥିଲେ। ରାଲିରେ ବହୁ ସଂଖ୍ୟକ ଚାଷୀ, ମୂଲିଆ, ଶ୍ରମିକ ସାମିଲ ହୋଇଥିଲେ।




**ଦିଗପହଣ୍ଡି, ୧୬ ।୨(ସମିସ):** ସଂଯୁକ୍ତ କିଷାନ ମୋର୍ଚ୍ଚା, କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ ସ୍ୱାଧୀନ ଫେଡେରେସନ ମାନଙ୍କ ଡାକରା କ୍ରମେ ଶୁକ୍ରବାର ଦିଗପହଣ୍ଡି ଠାରେ ଶାନ୍ତିପୂର୍ଣ୍ଣ ଭାରତ ବନ୍ଦ ପାଳିତ ହୋଇଥିଲା। ଦିଗପହଣ୍ଡି ପୁରୁଣା ବସଷ୍ଟାଣ୍ଡ ଠାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସିପିଆଇ ବଡଖେମୁଣ୍ଡି ଆଞ୍ଚଳିକ ପରିଷଦ ପକ୍ଷରୁ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଏଆଇଟିୟୁସି ଗଞ୍ଜାମ ଜିଲା ସମ୍ପାଦକ ଅଳକ ନାଥ ମିଶ୍ର ସଭାପତିତ୍ୱ କରିଥିବାବେଳେ ବରିଷ୍ଠ କମ୍ୟୁନିଷ୍ଟ ନେତା ବୃନ୍ଦାବନ ପଣ୍ଡା, ଆଞ୍ଚଳିକ ପରିଷଦ ସମ୍ପାଦକ କିଶୋର କୁମାର ଶତପଥୀ, ସିପିଆଇ ଭୀଷ୍ମଗିରି ଶାଖା ସହ ସମ୍ପାଦକ ପ୍ରକାଶ ଚନ୍ଦ୍ର ସେଠୀ ଉଦବୋଧନ ଦେଇ କେନ୍ଦ୍ର ସରକାରଙ୍କ ଜନମାରଣ ନୀତି ଓ କୃଷକ ମାନଙ୍କ ଉପରେ ହେଉଥିବା ଅକଥନୀୟ ଅତ୍ୟାଚାର, ବର୍ଦ୍ଧିତ ଦରବୃଦ୍ଧି, ଦୁର୍ନୀତି, ନାରୀ ନିର୍ଯାତନା ବିରୁଦ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ।

**ଧରାକୋଟ:** ସଂଯୁକ୍ତ କିସାନ ମୋର୍ଚ୍ଚା, କେନ୍ଦ୍ରୀୟ ଟ୍ରେଡ ୟୁନିଅନ ମିଳିତ ମଞ୍ଚ ଏବଂ କର୍ମଚାରୀ ସଂଗଠନମାନଙ୍କ ତରଫରୁ କେନ୍ଦ୍ର ସରକାରଙ୍କ ଶ୍ରମିକ, କୃଷକ ବିରୋଧୀ ନୀତି ବିରୋଧରେ ଶୁକ୍ରବାର ସମଗ୍ର ଦେଶରେ ଗ୍ରାମୀଣ ଭାରତ ବନ୍ଦ ଡାକରା ଦିଆଯାଇଛି। ଏହାର ପ୍ରଭାବ ସ୍ୱରୂପ ଧରାକୋଟରେ ସିପିଆଇ ଜୋନାଲ କମିଟି ସମ୍ପାଦକ ବିଦେଶୀ ନାହାକ, ରଘୁନଥ ପାତ୍ର, ସନ୍ତୋଷ ସ୍ୱାଇଁ, ପ୍ରସନ୍ନ ରାଉତ ଓ ଧୋବା ସାହୁଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ଜଗନ୍ନାଥ ମନ୍ଦିର ନିକଟରୁ ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଏକ ଏଗାର ଦଫା ଦାବି ସମ୍ବଳିତ ଦାବିପତ୍ର ଏବିଡିଓ ସୁଶିଲ ପଟ୍ଟନାୟକଙ୍କୁ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ।




## ଫେରାର ଅଭିଯୁକ୍ତ ଗିରଫ

**ଦିଗପହଣ୍ଡି, ୧୬ ।୨(ସମିସ):** ପ୍ରାୟ ୫ ବର୍ଷ ପୂର୍ବର ଏକ ଅପରାଧିକ ମାମଲାରେ କେ. ନୂଆଗାଁ ଥାନା ପୁଲିସ ସାନ କେଳାଝୁରି ଗ୍ରାମର ଅଭିଯୁକ୍ତ ଜିତୁ ଗୌଡ଼ଙ୍କୁ ଗିରଫ କରିଛି। ୨୦୧୯ ଫେବୃଆରି ୨୧ ତାରିଖ ବିଳମ୍ବିତ ରାତିରେ ଜିତୁ ଓ ତା'ର ଅନ୍ୟ ୩ ସହଯୋଗୀ ମିଶି ଦିଗପହଣ୍ଡି ବ୍ଲକର ମୁଖ୍ୟ କିରାଣୀ ଥିବା ତ୍ରିନାଥ ଶବରଙ୍କୁ ଗୁମ୍ମା କେନାଲ ନିକଟରେ ଅଟକାଇ ମୋବାଇଲ, ଲାପଟପ, ସୁନା ଚେନ୍ ଏବଂ ୬ ହଜାର ଟଙ୍କା ଲୁଟି ନେବା ସହ କାର୍ ଟିକୁ ମଧ୍ୟ ନେଇଯାଇଥିଲେ। ପରେ ନିକଟସ୍ଥ ଗ୍ରାମବାସୀଙ୍କ ସହାୟତାରେ ତ୍ରିନାଥ ସେମାନଙ୍କୁ ପିଛା କରି ଗଜପତି ଜିଲ୍ଲା ମହେନ୍ଦ୍ରଗଡ଼ ନିକଟରୁ କାରଟିକୁ ଉଦ୍ଧାର କରିଥିଲେ। ଘଟଣାରେ ପୋଲିସ ପୂର୍ବରୁ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଜିତୁ ଘଟଣା ପରଠାରୁ ଫେରାର ଥିଲା।

## ଦିବ୍ୟଶକ୍ତି ଇଂରାଜୀ ସ୍କୁଲର ବାର୍ଷିକ ଉତ୍ସବ

**ଭଞ୍ଜନଗର, ୧୬ ।୨(ସମିସ):** ଭଞ୍ଜନଗର ବାଗ୍ ଦେବୀ ରୋଡ଼ରେ ଥିବା ଦିବ୍ୟଶକ୍ତି ଇଂରାଜୀ ବିଦ୍ୟାଳୟର ୨୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭଞ୍ଜନଗର ବରିଷ୍ଠ ଶିକ୍ଷା ଅଧିକାରୀ ଏସ. ଧନଞ୍ଜୟ, ମୁଖ୍ୟବକ୍ତା ରୂପେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୌରୀଶଙ୍କର ଶତପଥୀ, ସମ୍ମାନିତ ଅତିଥି ଭାବେ ସବ ଟ୍ରେଜେରୀ ଅଫିସର ରଞ୍ଜନ ଉଲ୍ଲକା ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧକ୍ଷା ରଶ୍ମିତା ସାମନ୍ତରାୟ ବାର୍ଷିକ ବିବରଣୀ ପାଠ ଓ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ପିଲାମାନଙ୍କର ପ୍ରଥମ ଗୁରୁ ହେଉଛନ୍ତି ନିଜ ପିତାମାତା। ଛାତ୍ରଛାତ୍ରୀଙ୍କୁ ଉତ୍ତମ ଶିକ୍ଷାଦେଇ ସେମାନଙ୍କ ଚରିତ୍ର ଓ ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସହଯୋଗ କରନ୍ତି। ତେଣୁ ସମସ୍ତଙ୍କ ମିଳିତ ଉଦ୍ୟମରେ ଜଣେ ପିଲା ସୁନାଗରିକଟିଏ ହୋଇପାରିବ ବୋଲି ଅତିଥିମାନେ ମତ ଦେଇଥିଲେ। ବିଦ୍ୟାଳୟର ଉନ୍ନତିରେ ଅଭିଭାବକମାନେ ସହଯୋଗ କରିବାକୁ ସ୍କୁଲର ସମ୍ପାଦକ ସନ୍ତୋଷ କୁମାର ପଟ୍ଟନାୟକ କହିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ପ୍ରିୟଙ୍କା ଏହାକୁ ପରିଚାଳନା କରିଥିବାବେଳେ ଅନ୍ୟମାନେ ସହଯୋଗ କରିଥିଲେ।

## ସହରାଞ୍ଚଳ ସଚେତନତା ଶିବିର

**ଆସିକା, ୧୬ ।୨(ସମିସ):** ଆସିକା ଏନ୍‌ଏସିରେ ସହରାଞ୍ଚଳ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଲୋକୋନାଥ ବେଜଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷା ବିନେତା ସ୍ୱାଇଁ ଯୋଗ ଦେଇଥିଲେ। ସାଂସଦ ପ୍ରତିନିଧି ସତ୍ୟ ନାରାୟଣ ସ୍ୱାଇଁ, ସିଡିପିଓ ଭାଗ୍ୟଲତା ପାତ୍ର, ଅରୁଣ ପାତ୍ର ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋପାତ କରିଥିଲେ।




## ପଞ୍ଚାୟତ ଅଧିକାରୀଙ୍କ ସମୀକ୍ଷା ବୈଠକ



**ଧରାକୋଟ, ୧୬ ।୨ (ସମିସ):** ଧରାକୋଟ ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ପ୍ରହଲ୍ଲାଦ ପ୍ରଧାନଙ୍କ ଅଧକ୍ଷତାରେ ପଞ୍ଚାୟତ ଅଧିକାରୀଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏବିଡିଓ ସୁଶିଲ ପଟ୍ଟନାୟକ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କିଶୋର ଚନ୍ଦ୍ର ସାହୁଙ୍କ ଉପସ୍ଥିତିରେ ପଞ୍ଚଦଶ ଅର୍ଥ କମିଶନ ଦ୍ୱାରା ମଞ୍ଜୁରୀ ପାଇଥିବା ଅର୍ଥରାଶିର ସଠିକ ବିନିଯୋଗ, ଆଇଏସଓ ପ୍ରମାଣପତ୍ର ପ୍ରଦାନ ଓ ପଞ୍ଚାୟତ ଉନ୍ନୟନ ସୂଚକାଙ୍କ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବୈଠକରେ ବ୍ଲକ ନିର୍ବାହୀ ଅଧିକାରୀ ସଂଘ ସଭାପତି ଦେବରାଜ ନାୟକଙ୍କ ସମେତ ନିର୍ବାହୀ ଅଧିକାରୀ କାଳୁଚରଣ ସ୍ୱାଇଁ, ଅଶୋକ ସେଠୀ, ଅମୂଲ୍ୟ ରାଉଳ, ଇସାକ ପ୍ରଧାନ, ରମେଶ ଚନ୍ଦ୍ର ପୃଷ୍ଟି, ଅର୍ଚ୍ଚନା ମଲିକ, ରୋଜାଲିନ ପ୍ରଧାନ ଓ ଯଶୋବନ୍ତି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

+୨ ବିଜ୍ଞାନ ପରୀକ୍ଷା ଆରମ୍ଭ

## ୩ଟି କେନ୍ଦ୍ରରେ ୨୯୭ ପରୀକ୍ଷାର୍ଥୀ



**ବୁଗୁଡ଼ା, ୧୬ ।୨(ସମିସ):** ଶୁକ୍ରବାର +୨ ବିଜ୍ଞାନ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ବୁଗୁଡ଼ା ଅଞ୍ଚଳର ୩ଟି ପରୀକ୍ଷା କେନ୍ଦ୍ରରେ ମୋଟ ୨୯୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ବୁଗୁଡ଼ା ପିପୁଲ୍ସ କଲେଜ କେନ୍ଦ୍ରରେ ସୁପରିଟେଣ୍ଡେଣ୍ଟ୍ ଆପ ପ୍ରକାଶ ନାୟକଙ୍କ ତତ୍ତ୍ୱାବଧାନରେ ୧୭୪ ଜଣ, ବାଲିପଦର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କେନ୍ଦ୍ରରେ ଅଧକ୍ଷ କୈଳାସ ଚନ୍ଦ୍ର ସେନାପତିଙ୍କ ତତ୍ତ୍ୱାବଧାନରେ ୭୩ ଜଣ ଓ ମାଣିତରା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କେନ୍ଦ୍ର ସୁପରିଟେଣ୍ଡେଣ୍ଟ୍ ଅନୁପ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ୫୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। କପିକୁ ରୋକିବା ପାଇଁ ପରୀକ୍ଷାର୍ଥୀଙ୍କୁ କଡ଼ାକଡ଼ି ଭାବେ ଯାଞ୍ଚ କରାଯାଇଥିବାବେଳେ ଉକ୍ତ ୩ଟି କେନ୍ଦ୍ରରେ ଶାନ୍ତିଶୃଙ୍ଖଳାର ସହ ପ୍ରଥମ ଦିନର ପରୀକ୍ଷା ସମ୍ପନ୍ନ ହୋଇଛି। ଅନ୍ୟପକ୍ଷରେ ପିପୁଲ୍ସ କଲେଜ ହବ୍ ସେଣ୍ଟର ହୋଇଥିବାରୁ ସେଠାରେ ସଶସ୍ତ୍ର ପୋଲିସ୍ ପହରା ସହ କଡ଼ା ସୁରକ୍ଷା ମଧ୍ୟରେ ପ୍ରଶ୍ନପତ୍ର ରହିଥିବା ବେଳେ ସୁପରଭାଇଜର ଦାୟିତ୍ୱରେ ଅଧକ୍ଷ ହରିକୃଷ୍ଣ ନାୟକ ଏବଂ ଡେପୁଟି ସୁପରିଟେଣ୍ଡେଣ୍ଟ ଦାୟିତ୍ୱରେ ଅଧ୍ୟାପକ ସୁଶାନ୍ତ କୁମାର ସାହୁ ରହିଛନ୍ତି।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ



**ଆସିକା, ୧୬ ।୨(ସମିସ):** ଆସିକା ବ୍ଲକ କମାଗଡ଼ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କମାଗଡ଼ ସରପଞ୍ଚ ରୀଙ୍କି ଲେଙ୍କାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟିକା ମଞ୍ଜୁଳା ସ୍ୱାଇଁ, ଗଞ୍ଜାମ ଜୋନ୍ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବିଜେଡି ନେତା ଭଗବାନ ସାହୁ, ସିଡିପିଓ ଭାଗ୍ୟଲତା ପାତ୍ର, ଜିଲ୍ଲା ପରିଷଦ ସଭ୍ୟା ଅନିମା ପରିଡ଼ା, ଜିଲ୍ଲା ପରିଷଦ ସଭ୍ୟ ତନ୍ମୟୀ ନାହାକ, କମାଗଡ଼ ସମିତିସଭ୍ୟ ପ୍ରଶାନ୍ତ କୁମାର ନାହାକ, ବେଣାପାଟ ସରପଞ୍ଚ ବବିତା ପ୍ରଧାନ, ଚଢ଼ିଆପଲ୍ଲୀ ସରପଞ୍ଚ ଜୟସେନ ସ୍ୱାଇଁ, କୋର୍ଡିନେଟର ସୂର୍ଯ୍ୟକାନ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ଲୋକଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ମହିଳା ଗୋଷ୍ଠୀ, ଏମବିକେ, ସିଆରପି, ବ୍ୟାଙ୍କ ମିତ୍ର, ଅଙ୍ଗନବାଡ଼ି କର୍ମୀଙ୍କ ସହ ବହୁ ସ୍ୱେଚ୍ଛାସେବୀ ଯୋଗ ଦେଇଛନ୍ତି।

## 'କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ ଅନନ୍ୟ'

**ଭଞ୍ଜନଗର, ୧୬ ।୨(ସମିସ):**




ଭଞ୍ଜନଗର ସ୍ଥିତ ଭଞ୍ଜ ସାହିତ୍ୟ ପରିଷଦରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ୭୯ତମ ସାମ୍ବତ୍ସରିକ ଜୟନ୍ତୀ ସମାରୋହ ପବିତ୍ର ବସନ୍ତ ପଞ୍ଚମୀ ତିଥିରେ ପାଳିତ ହୋଇଯାଇଛି। ଭଞ୍ଜନଗର ସହର ମୁଖ୍ୟ ରାସ୍ତାରେ ଥିବା ଉପେନ୍ଦ୍ର ଭଞ୍ଜଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ସ୍ଥାନୀୟ ଅଧିବାସୀଙ୍କ ଗହଣରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବିଶିଷ୍ଟ ଅତିଥି ଡ଼. କମ୍ବୁପାଣି ସାମନ୍ତ, ମୁଖ୍ୟ ଆଲୋଚକ ଡାକ୍ତର କୃଷ୍ଣ କେଶବ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ବରିଷ୍ଠ ଶିକ୍ଷା ଅଧିକାରୀ ଏସ୍. ଧନଞ୍ଜୟ ଓ ଭଞ୍ଜ ଗବେଷକ ଡକ୍ଟର ସୁରେଶ ଚନ୍ଦ୍ର ପଣ୍ଡାଙ୍କ ଉପସ୍ଥିତିରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ନୃତ୍ୟଗୁରୁ ଅଧ୍ୟାପକ ଅଶୋକ କୁମାର ସ୍ୱାଇଁ ଓ ଅଧ୍ୟାପକ ଦୁର୍ଗା ମାଧବ ଦାଶଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିବା ବେଳେ ସଭାକାର୍ଯ୍ୟ ପରିଚାଳନା କରିଥିଲେ ଶିକ୍ଷାବିତ୍ ଲୋକନାଥ କର। ଡକ୍ଟର ସୁରେଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ବ୍ୟାଖ୍ୟାକାର ଡାକ୍ତର କୃଷ୍ଣ କେଶବ ଷଡ଼ଙ୍ଗୀ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ଭଞ୍ଜ ସାହିତ୍ୟରେ ନୈଷଧିୟ ଛଟା, ଆଧ୍ୟାୟିକ ଏବଂ ସମାଜ ଚେତନା, ଶବ୍ଦ ଚାତୁରୀ, ରସ ଏବଂ ସୌନ୍ଦର୍ଯ୍ୟବୋଧର ଦୃଷ୍ଟାନ୍ତ ଦେଇ ଏକ ସାରଗର୍ଭକ ତାତ୍ତ୍ୱିକ ଆଲୋଚନା କରିଥିଲେ। ବିଶିଷ୍ଟ ଅତିଥି ଡ଼. କମ୍ବୁପାଣି ସାମନ୍ତ, ସମ୍ମାନୀତ ଅତିଥି ଏସ୍. ଧନଞ୍ଜୟ, ଡକ୍ଟର ସୁରେଶ ଚନ୍ଦ୍ର ପଣ୍ଡା ନିଜ ନିଜର ମତ ପ୍ରଦାନ କରିଥିଲେ। ଏହି ଅବସରରେ ଏବର୍ଷର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ସାହିତ୍ୟ ସମ୍ମାନ ଡାକ୍ତର କୃଷ୍ଣ କେଶବ ଷଡ଼ଙ୍ଗୀଙ୍କୁ ପ୍ରଦାନ କରାଯାଇଥିଲା। ଲୋକନାଥ କର ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ଦେଇଥିବାବେଳେ ଡକ୍ଟର ଗୁରମୂର୍ତ୍ତି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଶିଷ୍ଟ ମଞ୍ଚଶିଳ୍ପୀ ଉପେନ୍ଦ୍ର କୁମାର ଶତପଥୀ, ଟୁନା ଜେନା, ଶିକ୍ଷାବିତ୍ ଶ୍ୟାମା ପ୍ରସାଦ ମିଶ୍ର, ସୀମାଞ୍ଚଳ ପଟ୍ଟନାୟକ ଓ ବିଶ୍ୱମ୍ବର ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦୁଇ ପରିବାର ମଧ୍ୟରେ ସଂଘର୍ଷ: ୪ ଗିରଫ

**ଦିଗପହଣ୍ଡି, ୧୬ ।୨(ସମିସ):** ଦିଗପହଣ୍ଡି ବ୍ଲକ ପେଣ୍ଠା ଗ୍ରାମରେ ବୁଧବାର ରାତିରେ ଦୁଇ ପରିବାର ମଧ୍ୟରେ ସଂଘର୍ଷ ଘଟି ୪ ଜଣ ଆହତ ହୋଇଛନ୍ତି। ଆହତ ମାନେ ହେଲେ ଲକ୍ଷ୍ମଣ ଗୌଡ଼, ରାଜେନ୍ଦ୍ର ଗୌଡ଼, ବିଶ୍ୱନାଥ ଗୌଡ଼ ଏବଂ ଅରୁଣ ଗୌଡ। ଆହତ ମାନଙ୍କୁ ଦିଗପହଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଉଭୟ ପକ୍ଷର ଏତଲାକୁ ଭିତ୍ତି କରି ପୁଲିସ ୨ଟି ମାମଲା ରୁଜୁ କରି ଉଭୟ ପକ୍ଷ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ବିଦ୍ୟୁତ୍ ଆଘାତରେ ଶ୍ରମିକ ଗୁରୁତର

**ଜଗନ୍ନାଥପ୍ରସାଦ, ୧୬ ।୨ (ସମିସ):** ଜଗନ୍ନାଥପ୍ରସାଦ ଥାନାଠାରୁ ଅଳ୍ପ ଦୂର ଏକ ଶୋ'ରୁମ ନିକଟରେ ବିଦ୍ୟୁତ୍ ଆଘାତରେ ଜଣେ ଶ୍ରମିକ ଗୁରୁତର ହୋଇଛନ୍ତି। କଲଭର୍ଟ କାମ ଚାଲିଥିବାବେଳେ ରଡ୍‌କୁ ହାଇୱା ଗାଡିକୁ ଲୋଡ୍ କଲାବେଳେ ଅସାବଧାନତା ଯୋଗୁଁ ଉପରେ ଯାଇଥିବା ୧୧ କେଭି ବିଦ୍ୟୁତ ତାର ସହିତ ସଂଯୋଗ ହୋଇ ଯିବାରୁ ଶ୍ରମିକ ଜଣକ ଛିଟିକି ପଡ଼ିଥିଲେ। ତାଙ୍କୁ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଗୁରୁତର ଜଣକ ମୁଜାଗଡ଼ ଗ୍ରାମ ବଡଦାଣ୍ଡ ସାହିର ଦଣ୍ଡୁ ସାହୁ (୬୦)।

## ବ୍ଲକ୍‌ସ୍ତରୀୟ ସୁନେତ୍ର କାର୍ଯ୍ୟକ୍ରମ



**ଦିଗପହଣ୍ଡି, ୧୬ ।୨(ସମିସ):** ଗଞ୍ଜାମ ଜିଲ୍ଲା ଦୃଷ୍ଟିବାଧିତ ନିୟନ୍ତ୍ରଣ ପ୍ରାଧିକରଣ ଓ ସମଗ୍ର ଶିକ୍ଷା ଅଭିଯାନ ଆନୁକୂଲ୍ୟରେ ୨ ଦିନ ଧରି ଆୟୋଜିତ ହୋଇଥିବା ବ୍ଲକସ୍ତରୀୟ ଚକ୍ଷୁ ପରୀକ୍ଷଣ ଶିବିର ତଥା ସୁନେତ୍ର କାର୍ଯ୍ୟକ୍ରମ ଶୁକ୍ରବାର ଉଦଯାପିତ ହୋଇଯାଇଛି। ବ୍ଲକ ଗୋଷ୍ଠୀ ସମ୍ବଳ ଶିକ୍ଷକ ସୁଶାନ୍ତ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାଧିକାରୀ କୋରେଶ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଏବିଇଓ ବାଳା ମାଝୀ, ରସାନନ୍ଦ ଘଡେଇ, ବିଶ୍ରବା ପାଇକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଦିଗପହଣ୍ଡି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବମୋକେଇ ଗ୍ରାମ ସ୍ଥିତ ଶିବାନନ୍ଦ ନୋଡାଲ ହାଇସ୍କୁଲ, ଗୋକର୍ଣ୍ଣପୁର ନୋଡାଲ ହାଇସ୍କୁଲ, ଗୌଡ଼ ଗାଁ ନୋଡାଲ ଉଚ୍ଚ ବିଦ୍ୟାଳୟ ଏବଂ ଭୀଷ୍ମଗିରୀ ହାଇସ୍କୁଲ ପ୍ରାଙ୍ଗଣରେ ଆୟୋଜିତ ଶିବିରରେ ବରିଷ୍ଠ ଚକ୍ଷୁ ବିଶେଷଜ୍ଞଙ୍କ ଦ୍ୱାରା ବିଭିନ୍ନ ସରକାରୀ ବିଦ୍ୟାଳୟର ଅଧ୍ୟୟନରତ ୧୫୧୦ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୪୦୧ ଜଣ ଛାତ୍ର ଛାତ୍ରୀଙ୍କୁ ଚଷମା ଏବଂ ୨୯ ଜଣଙ୍କୁ ଉଚ୍ଚସ୍ତରୀୟ ଚିକିତ୍ସା ପାଇଁ ଚିହ୍ନଟ କରାଯାଇଥିଲା। ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଡ. ସିଲା ସୀତାରାମ, ସହାୟକ ଡ. ସୋମନାଥ ବେହେରା, ଡା. ନିରୂପମା ପଣ୍ଡା, ଡା. ବୃନ୍ଦାବନ ଦଳେଇ, ଡା. ସୃଷ୍ଟି ସାହୁ ଚିକିତ୍ସା ବ୍ୟବସ୍ଥା ପରିଚାଳନା କରିଥିବାବେଳେ ସମସ୍ତ ସିଆରସିସି ଓ ଶିକ୍ଷା ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ।

# ମାଁ ବୁଢ଼ୀ ଠାକୁରାଣୀଙ୍କ ଜୀର୍ଣ୍ଣ ପ୍ରାସାଦ ବିସର୍ଜନ



**ବ୍ରହ୍ମପୁର,୧୬ ।୨(ସମିସ):** ବିଶ୍ୱପ୍ରସିଦ୍ଧ ଶ୍ରୀଶ୍ରୀ ମାଁ ବୁଢ଼ୀ ଠାକୁରାଣୀଙ୍କ ଜୀର୍ଣ୍ଣ ପ୍ରାସାଦ ବିସର୍ଜନ କରାଯାଇ ନୂତନ ଶିଳାମୟ ଦେବୀ ପ୍ରାସାଦ ପାଇଁ ଅର୍ଘ୍ୟ କରାଯାଇଛି । ମାଁ ଶ୍ରୀ ଶ୍ରୀ ବୁଢ଼ୀ ଠାକୁରାଣୀଙ୍କ ଏହି ଶୁଭ ତଥା ପୁଣ୍ୟ ବିଧିରେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ବ୍ରହ୍ମପୁର ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ବିକ୍ରମ କୁମାର ପଣ୍ଡା, ବ୍ରହ୍ମପୁର ବିଜୁ ଜନତା ଦଳର ବହୁ ପଦାଧିକାରୀ, ନେତୃବୃନ୍ଦ, ବହୁ କର୍ପୋରେଟର, ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତଥା ଭକ୍ତମାନେ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ଯେ' ବ୍ରହ୍ମପୁରର ଅଧିଷ୍ଠାତ୍ରୀ ଦେବୀ ମାଁ ବୁଢ଼ୀ ଠାକୁରାଣୀଙ୍କ ମନ୍ଦିରର ରୂପାନ୍ତରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାୟ ୨୦କୋଟି ଟଙ୍କାର ଆର୍ଥିକ ଅନୁଦାନ ମିଳିଛି । ବର୍ଷକ ମଧ୍ୟରେ ଏହି ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ନିକଟରେ ବ୍ରହ୍ମପୁର ଗସ୍ତରେ ଆସିଥିବା ବେଳେ ୫ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମନ୍ଦିର ପରିଦର୍ଶନ କରି ସମ୍ପୃକ୍ତ ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସହିତ ଶ୍ରୀ ଲିଙ୍ଗରାଜ ପ୍ରକଳ୍ପ, ମାଁ ସମଲେଇ ପ୍ରକଳ୍ପ, କଟକ ଚଣ୍ଡି ପ୍ରକଳ୍ପ ସହିତ ବ୍ରହ୍ମପୁରର ମାଁ ବୁଢ଼ୀ ଠାକୁରାଣୀଙ୍କ ମନ୍ଦିରର ଉନ୍ନତି ପାଇଁ ଅର୍ଥ ମଞ୍ଜୁର କରିଥିଲେ । ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହେଲେ ମନ୍ଦିରର ଚିତ୍ର ସମ୍ପୂର୍ଣ୍ଣ ବଦଳିଯିବ ଓ ଭକ୍ତଙ୍କୁ ବହୁ ସୁବିଧା ଉପଲବ୍ଧ ହେବ ।

# ମା'ଦଣ୍ଡକାଳୀଙ୍କ ଦଣ୍ଡନାଚ ପ୍ରସ୍ତୁତି



**ବେଲଗୁଣ୍ଠା,୧୬ ।୨(ସମିସ):** ଶ୍ରୀପଞ୍ଚମୀ ଅବସରରେ ବେଲଗୁଣ୍ଠାସ୍ଥିତ ମା' ଦଣ୍ଡକାଳୀ ମନ୍ଦିରରେ ବହି ପୂଜା ଯଥାରୀତିରେ ଅନୁଷ୍ଠିତ ହେଇଯାଇଛି । ଏହି ଅବସରରେ ମନ୍ଦିର ପରିଚାଳନା କମିଟି ସଦସ୍ୟ ବୃନ୍ଦ ଓ ବେଲଗୁଣ୍ଠା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ଫିରୋଜ କୁମାର ସେଠୀଙ୍କ ସମେତ ସମସ୍ତ କାଉନସିଲର, ଗୌରହରୀ ସାହୁ, ବିଶିଷ୍ଟ ଆଇନଜୀବୀ ସନ୍ତୋଷ କୁମାର ପଣ୍ଡା, ପ୍ରଶାନ୍ତ କୁମାର ସାହୁ, ମନୋରଞ୍ଜନ ପାଣିଗ୍ରାହୀ, ଚନ୍ଦ୍ରମଣି ସାମଲ, ପାଟ ଦଣ୍ଡୁଆ ଉଜ୍ଜଳ ଦଳାଇ, ସମସ୍ତ ଦଣ୍ଡୁଆ ପ୍ରାୟ ୫ ଶହ ଲୋକ ଏକତ୍ରିତ ହୋଇ ସନ୍ଧ୍ୟାରେ ନଗର ପରିକ୍ରମା କରି ମନ୍ଦିର ନିକଟରେ ପହଞ୍ଚି ମା'ଙ୍କ ସମ୍ମୁଖରେ ଦଣ୍ଡନାଚ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟ, ଶ୍ରୀମଦ ଭାଗବତ ଗୀତା ଓ ନାଟକ ବହି ପୂଜା କରାଯିବା ସହିତ ମା'ଙ୍କ ପୂଜାର୍ଚ୍ଚନା ସମ୍ପନ୍ନ କରାଯାଇଥିଲା ।

## ମନ୍ତ୍ରୀ ଅମାତଙ୍କ କବିସୂର୍ଯ୍ୟନଗର ଗସ୍ତ

# କଲ୍ୟାଣ ମଣ୍ଡପ ଓ ମହାମାୟୀ ପୀଠ ଉନ୍ନତିକରଣର ଶିଳାନ୍ୟାସ




**କବିସୂର୍ଯ୍ୟନଗର,୧୬ ।୨(ସମିସ):** ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୫କୋଟି ୫୦ଲକ୍ଷ ଟଙ୍କା ଦୁଇଟି କଲ୍ୟାଣ ମଣ୍ଡପ ନିର୍ମାଣ ଓ ମହାମାୟୀ ଉନ୍ନତି ପାଇଁ ବ୍ୟୟ ବରାଦ କରାଯାଇଛି । ଗୁରୁବାର ସନ୍ଧ୍ୟାରେ ମହାମାୟୀ ମନ୍ଦିର ସମ୍ମୁଖରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ ଅମାତ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଦୁଇ ବହୁମୁଖୀ କଲ୍ୟାଣ ମଣ୍ଡପ ଯଥାକ୍ରମେ ୩ ଲକ୍ଷ ଓ ୨ ଲକ୍ଷ ବ୍ୟୟରେ ଖୁବଶୀଘ୍ର କାର୍ଯ୍ୟାରମ୍ଭ ହେବ ବୋଲି ଘୋଷଣା କରିଥିଲେ ମନ୍ତ୍ରୀ । ମହାମାୟୀ ମନ୍ଦିର ଉନ୍ନତି ପାଇଁ ୫୦ଲକ୍ଷର ବ୍ୟୟ ବରାଦ ହୋଇଛନ୍ତି । ମନ୍ତ୍ରୀଙ୍କ ସହ ସ୍ଥାନୀୟ ବିଧାୟିକା ଲତିକା ପ୍ରଧାନ, ଏନଏସି ପ୍ରାକ୍ତନ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ଏନଏସି ଅଧ୍ୟକ୍ଷା ଏସ. ଲକ୍ଷ୍ମୀ ସେଠୀ, ବହୁ କାଉନସିଲର ଓ ଅତିଥି ଯୋଗଦେଇଥିଲେ। ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ ଗାଳ୍ପିକ, ଶିକ୍ଷାବିତ ବିପିନ ବିହାରୀ ଶତପଥୀ। ସଂଯୋଜନା କରିଥିଲେ କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀ ସଭାପତି ରସଲ ଦାସ ଏବଂ ଯୁବନେତା ଦିଲ୍ଲୀପ ସାହୁ ଓ ସୂର୍ଯ୍ୟନାରାୟଣ ନାୟକ। ସାମ୍ବାଦିକ, ପ୍ରଶାସନିକ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ ମନ୍ତ୍ରୀ। ସାଂସଦ ପ୍ରତିନିଧି ସୁରଜ ରେଡି ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ସାମ୍ବାଦିକ ବାଳକୃଷ୍ଣ ପଟ୍ଟନାୟକ ସହଯୋଗ କରିଥିଲେ।

# ଆତ୍ମ ସୁରକ୍ଷା ତାଲିମ ଶିବିର




**କବିସୂର୍ଯ୍ୟନଗର,୧୬ ।୨(ସମିସ):** ସ୍ଥାନୀୟ ବିଜୁପଟ୍ଟନାୟକ କଲ୍ୟାଣ ମଣ୍ଡପରେ କିଶୋରୀ ବାଳିକା ଆତ୍ମ ସୁରକ୍ଷା ତାଲିମ ପ୍ରଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବିଇଓ ଅଭିମନ୍ୟୁ ସାହୁ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ କିଶୋରୀ ମାନଙ୍କୁ ଆତ୍ମସୁରକ୍ଷାର ଦିଗଦର୍ଶନ ଦେଇଥିଲେ। ସିଡିପିଓ ବୀଣାପାଣି ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିର ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁପରଭାଇଜର ଗୀତାଞ୍ଜଳି ବେହେରା, ମଞ୍ଜୁଶ୍ରୀ ବେହେରା, ସଂଯୁକ୍ତା ପ୍ରଧାନ, ଇନ୍ଦିରା ପଣ୍ଡା, ତ୍ରିପୁରା ମୋହିନୀ ଦାସ, ନର୍ମଦା ବିଷୋୟୀ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଶିକ୍ଷିକା ନବନିତା ସ୍ୱାଇଁ ଓ ଜୟନ୍ତୀ କୁମାରୀ ପ୍ରଧାନ ତାଲିମ ଦେଇଥିଲେ। ଶିବିରରେ ଶତାଧିକ କଲେଜ ଛାତ୍ରୀ ଅଂଶଗ୍ରହଣ କରିଥିଲେ।

**ବୁଗୁଡ଼ା:** ସ୍ଥାନୀୟ ଏନ୍ଏସି କଲ୍ୟାଣୀ ମଣ୍ଡପରେ ଆତ୍ମସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଶିକ୍ଷିକା ଭାବେ ସମିତା ଜେନା ଓ ମଧୁମିତା ଜେନା ଯୋଗଦେଇ ବି.କରଡ଼ାବାଡ଼ି, ବୁଗୁଡ଼ା ଏନ୍ଏସି, ଗୋଳାବନ୍ଧ, କରଚୁଲି, ଗୋଲିଆ ଓ ମାଣିତରା ଆଦି ୬ଟି ସେକ୍ଟରର କିଶୋରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ସିଡିପିଓ ବବିତା କୁମାରୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ବିଡିଓ ସନ୍ତୋଷ କୁମାର ଜେନା ଉଦ୍‌ଘାଟନ କରିଥିବାବେଳେ ଏଥିରେ ଅଞ୍ଚଳ ପରିଦର୍ଶିକା ଜି.ରଶ୍ମି, କୁସୁମ ପଣ୍ଡା, ସରସ୍ୱତୀ ତ୍ରିପାଠୀ, ଗୀତାଞ୍ଜଳି ବଡମୁଣ୍ଡି, ଜାନକୀ ଦେବୀ ଓ ଲିଲି ଶବର ପ୍ରମୁଖ ଯୋଗ ଦେଇ କିଶୋରୀ ମାନଙ୍କୁ ଆତ୍ମରକ୍ଷା ତାଲିମ ଗ୍ରହଣର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଶିବିର ପରିଚାଳନାରେ ବିଭିନ୍ନ କେନ୍ଦ୍ରର ଅଙ୍ଗନବାଡ଼ି କର୍ମୀମାନେ ସହଯୋଗ କରିଥିଲେ।



## ବ୍ରହ୍ମପୁର ପୁଲିସ ଜିଲ୍ଲା

# ବଦଳି ପରେ ବି ଚୌକି ଛାଡୁନାହାନ୍ତି ବହୁ ବାବୁ

**ବ୍ରହ୍ମପୁର,୧୬ ।୨(ସମିସ):** ଆସନ୍ତା ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବରିଷ୍ଠ ପୁଲିସ ଅଧିକାରୀଙ୍କ ଠାରୁ ଆରମ୍ଭ କରି ପୁଲିସ ଏଏସଆଇ ପର୍ଯ୍ୟନ୍ତ ସମସ୍ତ ପଦବୀରେ ବଦଳି ହୋଇଛି। ହେଲେ ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଏସପିଙ୍କ ଦ୍ୱାରା ହୋଇଥିବା ବଦଳି ଆଦେଶ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନଥିବା ଦେଖିବାକୁ ମିଳିଛି। ପୂର୍ବ ବଦଳି ଆଦେଶ କାର୍ଯ୍ୟକାରୀ ହୋଇନଥିବା ବେଳେ ପୁଣି ୭ଜଣଙ୍କୁ ନେଇ ଆଉଏକ ନୂଆ ବଦଳି ଆଦେଶ ପ୍ରକାଶ ପାଇଛି। ବଦଳି ଆଦେଶ ପରେ ମଧ୍ୟ ଇନ୍ସପେକ୍ଟର ପାହ୍ୟାର ଅଧିକାରୀଙ୍କ ଠାରୁ ଆରମ୍ଭ କରି ଏସଆଇ ଓ ଏଏସଆଇ ଥାନା ଛାଡୁନଥିବା ଦେଖିବାକୁ ମିଳିଛି। ୨୦୨୩ ନଭେମ୍ବର ୬ତାରିଖରେ ବ୍ରହ୍ମପୁର ପୁଲିସ ଜିଲ୍ଲାରେ ୧୯ଜଣ ଏସଆଇ ଓ ୯ଜଣ ଏଏସଆଇଙ୍କ ବଦଳି ହୋଇଥିଲା । ସମସ୍ତ ଥାନା, ରିଜର୍ଭ ଇନ୍ସପେକ୍ଟରଙ୍କୁ ଏହି ନିର୍ଦ୍ଦେଶର ନକଲ ପଠାଯାଇଥିଲା। ହେଲେ ବିଭିନ୍ନ କାରଣରୁ ଏସଆଇ ଓ ଏଏସଆଇ ମାନେ ପୁରୁଣା ଥାନାରେ ହିଁ କାର୍ଯ୍ୟରତ ଅଛନ୍ତି। ପୁରୁଣା ଥାନାରୁ ସେମାନେ ରିଲିଭ ହେଉନାହାନ୍ତି।

ସେପଟେ ପୁଣି ଏକ ବଦଳି ଆଦେଶ ବାହାରିଛି। ୨୦୨୪ ଜାନୁଆରୀ ୩୧ତାରିଖରେ ପୁଣି ବ୍ରହ୍ମପୁର ଏସପିଙ୍କ ଦ୍ୱାରା ୭ଜଣ ଏସଆଇଙ୍କ ବଦଳି ଆଦେଶ ବାହାରିଛି। ୨ଜଣ ଏସଆଇ ଜ୍ଞାନ ରଞ୍ଜନ ସାହୁ ଓ ଜ୍ୟୋତି ରଞ୍ଜନ ବେହେରାଙ୍କ ପୁରୁଣା ବଦଳି ନିର୍ଦ୍ଦେଶକୁ ବାତିଲ କରାଯାଇଛି। ପୂର୍ବରୁ ଏସଇ ଜ୍ଞାନ ରଞ୍ଜନ ସାହୁଙ୍କୁ ଗୋଳନ୍ଥରା ଥାନାରୁ ସଦର ଏବଂ ଏସଆଇ ଜ୍ୟୋତି ବେହେରାଙ୍କୁ ନିମଖଣ୍ଡି ଥାନାରୁ ବୈଦ୍ୟନାଥପୁର ଥାନାକୁ ବଦଳି ହୋଇଥିଲା। ବିଜ୍ଞପ୍ତି ନମ୍ବର ୨୦୫ଅନୁସାରେ ଜ୍ଞାନ ସାହୁଙ୍କୁ ଗୋଳନ୍ଥରା ଥାନାରୁ ଗୋସାଣିନୂଆଗାଁ ଏବଂ ଜ୍ୟୋତି ବେହେରାଙ୍କୁ ନିମଖଣ୍ଡିରୁ ଦିଗପହଣ୍ଡି ଥାନାକୁ ବଦଳି ହୋଇଛି। ସେହିପରି ୨୦୨୩ ଡିସେମ୍ବର ୧୧ତାରିଖରେ ବ୍ରହ୍ମପୁର ଏସପିଙ୍କ କାର୍ଯ୍ୟାଳୟ ଚିଠି ସଂଖ୍ୟା ୨୩୦୭ଅନୁସାରେ ୧୧ଜଣ ହାବିଲଦାରଙ୍କର ବଦଳି ହୋଇଥିଲା। ସେହି ଆଦେଶ ମଧ୍ୟ କାର୍ଯ୍ୟକାରୀ ହୋଇନଥିବା ଜଣାପଡିଛି। ବ୍ରହ୍ମପୁର ଏସପି ଡା.ସର୍ବଣା ବିବେକ ଏମ କହିଛନ୍ତି ଜିଲ୍ଲାରେ ଅଫିସର ସଂଖ୍ୟା କମ ଥିବାରୁ ବଦଳି ଅଫିସରଙ୍କୁ ରିଲିଭ କରିବାରେ ସମସ୍ୟା ଉପୁଜିଛି। ସେମାନେ ବଦଳି ହେଲେ ସମସ୍ୟା ହେବ। ନୂଆ ଅଫିସର ଆସି କାର୍ଯ୍ୟରେ ଯୋଗ ଦେବାପରେ ବଦଳି ଆଦେଶ କାର୍ଯ୍ୟକାରୀ ହେବ ବୋଲି ଏସପି କହିଛନ୍ତି।

# ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା ସଚେତନତା



**ଆସିକା,୧୬ ।୨(ସମିସ):** ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା ସଚେତନତା ରଥ ଆସିକା ବନଖଣ୍ଡ ଅଧିକାରୀ ପ୍ରମୋଦ କୁମାର ପଣ୍ଡାଙ୍କ ସଂଯୋଜନାରେ ଚେରମାରିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା ସଚେତନତା ରଥକୁ ଗାଁ ଗାଁ ବୁଲି ରାସ୍ତା ଘାଟରେ ପଡ଼ିଥିବା ଆବର୍ଜନାକୁ ଗୋଟାଇ ପ୍ଲାଷ୍ଟିକ ମୁକ୍ତ ଗଠନ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ଏହାକୁ ଉଦଘାଟନ କରିଥିଲେ ଆସିକା ସାଂସଦ ପ୍ରମିଳା ବିଷୋୟୀ। ଦକ୍ଷିଣ ଘୁମୁସର ବନ ଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ ଯୋଗ ଦେଇ ଥିବା ବେଳେ ଶେରଗଡ଼ ଫରେଷ୍ଟର ହରେକୃଷ୍ଣ ବାରିକ, ଲାଲୁ ଶବର, ମୋହନଚାନ୍ଦ ଗାର୍ଡ, ଭଗବାନ ବିଷୋୟୀ, ଶାନ୍ତନୁ କୁମାର ନାୟକ, ଭଗବାନ ବିଷୋୟୀ, ପ୍ରମୋଦ କୁମାର ନାୟକ, କୃଷ୍ଣସାର ମୃଗ ସମିତି ସଭାପତି ଅମୂଲ୍ୟ ଉପାଧ୍ୟାୟଙ୍କ ସମେତ କଲେଜ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ



**ଭଞ୍ଜନଗର,୧୬ ।୨(ସମିସ):** ଭଞ୍ଜନଗର ବ୍ଲକ ଲାଲ ସିଂ ପଞ୍ଚାୟତରେ ଗୁରୁବାର ସ୍ଥାନୀୟ ବିଧାୟକ ତଥା ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ପ୍ରତ୍ୟେକ ୭ଲକ୍ଷ ଟଙ୍କା ବ୍ୟୟରେ ଦୁଇଟି ଅଙ୍ଗନବାଡ଼ି କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ଏହାପରେ ଛେଦାଭୂମି ରୋଡ୍‌ଠାରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଗମନାଗମନର ଉନ୍ନତି ପାଇଁ ଲାଲ ସିଂ ପଞ୍ଚାୟତର ଲଣ୍ଡେଇ ସାହି ଛକଠାରୁ ବାହାଡ଼ା ପଦର ୬କିଲୋମିଟର ରାସ୍ତା ନିର୍ମାଣ ପାଇଁ ୧୩କୋଟି ୪୮ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ଏହି ରାସ୍ତା ୧୮ ଫୁଟ ଓସାର ହେବା ସହ ଉଭୟ ପାଶ୍ୱର୍ରେ ଡ୍ରେନ, ଗାର୍ଡୱାଲର ସୁବିଧା ରହିଛି। ସାନ କୋଦଣ୍ଡା, ଡୁମାକୁମ୍ପା, ମୁଜାଗଡ଼, ବାଇବାଲି ପଞ୍ଚାୟତକୁ ଏହି ରାସ୍ତା ସଂଯୋଗ କରିବ। ଯାହା ଫଳରେ ଏହି ପ୍ରମୁଖ ରାସ୍ତା ଦେଇ ପଞ୍ଚାୟତରେ ଲକ୍ଷ୍ମୀ ବସ୍ ଗଡ଼ିବ। ଲାଲ ସିଂ ପଞ୍ଚାୟତରେ ଶିକ୍ଷାର ବିକାଶ ପାଇଁ ଦୁଇଟି ସ୍ମାର୍ଟ ସ୍କୁଲ ନିର୍ମାଣ କରାଯାଇଛି। ସେହିପରି ଶ୍ରୀରାମ ମନ୍ଦିରରେ ଭକ୍ତଙ୍କ ରହଣି ନିମନ୍ତେ ଦୁଇଟି କୋଠରୀର ଆବଶ୍ୟକତା ପୂରଣ ପାଇଁ ୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଆଗାମୀ ଦିନରେ ମଧ୍ୟ ଏହି ପଞ୍ଚାୟତର ଉନ୍ନତିକୁ ପ୍ରାଧାନ୍ୟ ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ଆରୁଖ କହିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ନରୀସଭା ନାୟକ ସଭାପତିତ୍ୱ କରିଥିବାବେଳେ ସମ୍ମାନିତ ଅତିଥି ରୂପେ ବ୍ଲକ ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ପ୍ରଧାନ, ସ୍ଥାନୀୟ ସରପଞ୍ଚ ଶିବରାମ ସାହୁ, ସାଂସଦ ପ୍ରତିନିଧି ଦିବାକର ନାୟକ, ବ୍ଲକ ସଭାପତି ରାଜେନ୍ଦ୍ର ପ୍ରଧାନ, ଭାରପ୍ରାପ୍ତ ବିଡିଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ପୂର୍ବତନ ସରପଞ୍ଚ ପ୍ରତାପ ସିଂ ରାଉତ, ସମାଜସେବୀ ବିଷ୍ଣୁଚରଣ ପ୍ରଧାନ, ବ୍ଲକ ସହକାରୀ ଯନ୍ତ୍ରୀ ଶ୍ୟାମଘନ ପ୍ରଧାନ ଉପସ୍ଥିତ ରହି ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରିଥିଲେ। ଶୂଳପାଣି ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ୟୁନିକ ଡ୍ୟାନ୍ସ ଏକାଡେମୀ, ପ୍ରଜ୍ଞା, କେଏସୟୁବି କଲେଜ, ବିଇଡି କଲେଜ ଓ ବିଡ଼ିପୁର କଲେଜର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ବିଶ୍ୱକବି ଡ. ପ୍ରସନ୍ନ ଦଳାଇ ସମ୍ବର୍ଦ୍ଧିତ

**କବିସୂର୍ଯ୍ୟନଗର,୧୬ ।୨(ସମିସ):** କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ ନନ୍ଦିଆଗଡା ଗ୍ରାମର ପ୍ରସନ୍ନ କୁମାର ଦଳାଇ ସାରା ବିଶ୍ୱରେ ନିଜକୁ ପରିଚିତ କରାଇପାରିଛନ୍ତି । ନିଜର ଦୃଢ଼ ମନୋବଳ, ଇଚ୍ଛାଶକ୍ତି, ସାଧନା ବଳରେ ଯଶ, ଖ୍ୟାତି, ପ୍ରତିଷ୍ଠା ସାଉଁଟି ପାରିଛନ୍ତି । ତାଙ୍କ ଦ୍ୱାରା ଲିଖିତ ଇଂରାଜୀ କବିତା ପାଇଁ ସେ ଜାତୀୟ, ଆନ୍ତର୍ଜାତିକ ସ୍ତରରେ ସେ ବହୁବାର ପୁରସ୍କୃତ ହୋଇଛନ୍ତି । ସେ ବର୍ତ୍ତମାନ ଇଂରାଜୀ ଅଧ୍ୟାପକ ଭାବେ ସ୍ଥାନୀୟ କବିସୂର୍ଯ୍ୟବଳଦେବ ବିଜ୍ଞାନ ମହାବିଦ୍ୟାଳୟରେ କାର୍ଯ୍ୟରତ । ଡ. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟର ପରିଚାଳନା ସମିତି ସଭାପତି ଭାବେ କାର୍ଯ୍ୟ କରୁଛନ୍ତି । ଗତ ୧୩ ତାରିଖରେ ଆସାମ ସରକାରଙ୍କ ଶାବଦା ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଅନୁଷ୍ଠାନର ଅଧ୍ୟକ୍ଷ ଉଜ୍ଜଳ ପାବଗାମ, ସମ୍ପାଦକ ଜିଣ୍ଟୁ ଫୁକୋନ ପ୍ରମୁଖ ଉପସ୍ଥିତ ଥିଲେ ।

# ୮୪ତମ ଭଞ୍ଜ ସଙ୍ଗୀତ ଆସର




**ଭଞ୍ଜନଗର,୧୬ ।୨(ସମିସ):** ସଂସ୍କୃତି ବିକାଶ ସଂସଦ ଦ୍ୱାରା ଭଞ୍ଜନଗର ଖ୍ରୀଷ୍ଟିଆନ ସାହିରେ ଅନୁଷ୍ଠାନର ୮୪ତମ ଭଞ୍ଜ ସଂଗୀତ ଆସର ଅନୁଷ୍ଠିତ ହୋଇଯାଇଛି । ସଙ୍ଗୀତ ଶିଳ୍ପୀ ସ୍ୱର୍ଗତ ଜୋହାନ ସିଂଙ୍କ ଦ୍ୱାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ପ୍ରଦାନ ପୂର୍ବକ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମ୍ମାନିତ ଅତିଥି ଭାବେ କେ. ରାଜାରାଓ, ଡ଼. କୃତ୍ତିବାସ ବିଶ୍ୱାଳ, ଉପେନ୍ଦ୍ର ଶତପଥି, ଡ଼. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଜଗଦୀଶ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଶିଳ୍ପୀଙ୍କ ସ୍ମୃତିଚାରଣ କରିଥିଲେ। ପରେ ଆନନ୍ଦ ସଙ୍ଗୀତାୟନର ଶିଳ୍ପୀମାନେ ସ୍ମୃତି ସଂଗୀତ ଏବଂ ଭଞ୍ଜ ସଂଗୀତ ପରିବେଷଣ କରିଥିଲେ। ଅନୁଷ୍ଠାନର ସଭାପତି ପ୍ରଶାନ୍ତ ମହାନ୍ତି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରିଥିଲେ। କଣ୍ଠଶିଳ୍ପୀ ରଶ୍ମିତା ଭୂୟାଁ, ସୁଧାଂଶୁ ରାଣୀ, ଅଶୋକ ମହାପାତ୍ର, ଉତ୍ତମ ଦଳବେହେରା, ଅଭିଷେକ ମହାପାତ୍ର, ଦିବାକର ପ୍ରଧାନ ସଂଗୀତ ପରିବେଷଣ କରିଥିଲେ। ପୂଜ୍ୟ ପୂଜା ପରମ୍ପରା ଏବଂ ଭଞ୍ଜ ସଂଗୀତ ପ୍ରଚାର ଲାଗି ଅନୁଷ୍ଠାନର ଏହି ଉଦ୍ୟମକୁ ଶ୍ରୋତା ଏବଂ ଅତିଥି ମାନେ ପ୍ରଶଂସା କରିଥିଲେ।

# କଳା, ସଂସ୍କୃତିରେ ପରିପୂର୍ଣ୍ଣ ପୁରୁଣାପାଟଣା



**ଛତ୍ରପୁର,୧୬ ।୨(ସମିସ):** ଗାଁର ପରିଚୟ, ଗାଁର ସ୍ୱତନ୍ତ୍ରତା ଓ ଇତିହାସ ସହିତ ଯୋଡ଼ି ହୋଇ ରହିଛି ଗାଁର ପରିଚୟ। ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକର ଚିକଲଖଣ୍ଡି ପଞ୍ଚାୟତର ପୁରୁଣା ପାଟଣା ଗାଁ। ଜିଲ୍ଲା ସଦର ମହକୁମାଠାରୁ ବିପୁଲିଙ୍ଗୀ ଯିବା ରାସ୍ତାରେ ପଡ଼େ ଚିକଲଖଣ୍ଡି ପଞ୍ଚାୟତର ପୁରୁଣା ପାଟଣା ଗ୍ରାମ। ସଦର ମହକୁମା ଛତ୍ରପୁରଠାରୁ ମାତ୍ର ୨ କିଲୋମିଟର ଦୂରରେ ଅବସ୍ଥିତ ଏହି ଗ୍ରାମରେ ୨୫୦ ପରିବାର ବସବାସ କରନ୍ତି। ଗ୍ରାମରେ ମୋଟ ୧୨୦୦ ଜନସଂଖ୍ୟା ରହିଥିବା ବେଳେ ସେଥି ମଧ୍ୟରୁ ୬୦୦ ପୁରୁଷ ଓ ୬୦୦ ମହିଳା ରହିଛନ୍ତି। ଗ୍ରାମରେ ରହିଛି ପାଣି ଟାଙ୍କି, ଗୋଟାଏ ପ୍ରାଥମିକ ବିଦ୍ୟାଳୟ, ଗୋଟିଏ ଉଚ୍ଚ ବିଦ୍ୟାଳୟ, ୨ଟି କୋଠ ଘର, ଗୋଟାଏ ଅଙ୍ଗନବାଡ଼ି କେନ୍ଦ୍ର, ୪ଟି ବିଭିନ୍ନ ଦେବଦେବୀଙ୍କ ମନ୍ଦିର, ଗୋଟିଏ ପୋଖରୀ, ୪ଟି କୂପ। ଗ୍ରାମଟି ପ୍ରାୟ ୫୦୦ ବର୍ଷର ପୁରୁଣା ଗ୍ରାମ ହୋଇଥିବା ବେଳେ କଳା, ସଂସ୍କୃତି ଓ ଐତିହ୍ୟରେ ପରିପୂର୍ଣ୍ଣ ହୋଇରହିଛି ଗ୍ରାମଟି। ପ୍ରତିଦିନ ନାମ ସଂକୀର୍ତ୍ତନରେ ଗ୍ରାମରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହେଉଛି। ଗ୍ରାମରେ ପ୍ରାୟ ୧୦ଟି ଏସଏଚଜି ଗ୍ରୁପ ରହିଥିବାବେଳେ ବିଭିନ୍ନ ପ୍ରକାର ଚାଷ ଓ ବ୍ୟବସାୟ କରି ସେମାନେ ପରିବାର ପ୍ରତିପୋଷଣ କରୁଛନ୍ତି। ତେବେ ଗାଁରେ ଅଦ୍ୟାବଧି କିଛି ସମସ୍ୟା ରହିଥିବାରୁ ଏସବୁ ନିର୍ମାଣ ପାଇଁ ଗ୍ରାମବାସୀ ସରକାରଙ୍କ ନିକଟରେ ଗୁହାରି କରିଛନ୍ତି। ଗ୍ରାମରେ ୧୦ଟି ଏସଏଚଜି ଗ୍ରୁପ ରହିଥିବା ବେଳେ ଚିକଲଖଣ୍ଡି ପଞ୍ଚାୟତର ଏସଏଚଜି ମା'ମାନେ ସିଲେଇ କରିବା ସହିତ ହଳଦୀ ଗୁଣ୍ଡ, ମସଲା ଗୁଣ୍ଡ, ପାମ୍ପଡ଼ ଆଦି ପ୍ରସ୍ତୁତ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି। ଏଣୁ ଗ୍ରାମର ଯାହା ସମସ୍ୟା ରହିଛି ତାହାର ସମାଧାନ ଲାଗି ଗ୍ରାମବାସୀ ଦାବି କରିଛନ୍ତି।

